## ସଂକ୍ଷେପରେ

### ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ କର୍ମଶାଳା

**ଖଇରପୁଟ, ୩।୧୦(ଡି.ଏନ୍ .ଏ):** ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଭୋଟର ତାଲିକା ସଂଶୋଧନ ସମ୍ବନ୍ଧରେ ବୁଥସ୍ତରୀୟ ଅଧିକାରୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଖଇରପୁଟ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ଚନ୍ଦ୍ର ବର୍ମନ ଯୋଗଦେଇ ଭୋଟରଙ୍କ ନାମ ତାଲିକାରେ ଯୋଗ, ସଂଶୋଧନ କରିବା , ଏବଂ ଫର୍ମ ନଂ ୬, ୬(କ), ୭, ୮, ୮(କ) ସମ୍ପର୍କରେ ବୁଝାଇଥିଲେ। ଏହା ବ୍ୟତୀତ ଆସନ୍ତା ୫, ୭, ଏବଂ ୨୮ ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଅଭିଯାନରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ନିଜ ନିଜ ବୁଥ୍‌ରେ ଉପସ୍ଥିତ ରହି କାମ କରିବାକୁ ପରାମର୍ଶ ଦେଇଥିଲେ। ଖଇରପୁଟ ବ୍ଲକର ସମସ୍ତ ବୁଥସ୍ତରୀୟ ଅଧିକାରୀଙ୍କ ସହିତ ଅଧିକାରୀ ଶଶିଭୂଷଣ ମିଶ୍ର, ଏସ୍‌ସିଓ ରୋହିତ ମଣି ଧାରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ୨୦୦ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ମାଲକାନଗିରି ୩।୧୦(ଡି.ଏନ୍.ଏ.):** ମାଲାକନଗିରି ଜିଲା ସଦର ମହକୁମାଠାରେ ବରିଷ୍ଠ ନାଗରିକଙ୍କ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଛି। କର୍ମଶାଳାରେ ୨୦୦ ମହିଳା ଏବଂ ପୁରୁଷ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରାଯାଇଛି। ଡଃ ପ୍ରଫୁଲ୍ଲ ବେହେରା ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନେ ଏକ ଶୋଭା ଯାତ୍ରାରେ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ବରିଷ୍ଠ ନାଗରିକଙ୍କୁ ପୁରସ୍କୃତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଛି।

### ଭାଜପାର ଆୟୁଷ୍ମାନ୍ ଭାରତ ପ୍ରସ୍ତୁତି ବୈଠକ

**ମାଲକାନଗିରି , ୩।୧୦(ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦର ବ୍ଲକ୍ ଶିଖପାଲ୍ଲୀ ପଞ୍ଚାୟତ ଏମ୍.ଭି.୧୭ ଗ୍ରାମଠାରେ ବୁଧବାର ଭାଜପା ତରଫରୁ ଆୟୁଷ୍ମାନ୍ ଭାରତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆୟୁଷ୍ମାନ୍ କୃଷକ କଲ୍ୟାଣ ଯୋଜନା କେନ୍ଦ୍ର ସରକାରଙ୍କ ଏକ ସଫଳ ଯୋଜନା ବୋଲି କୁହାଯାଇଛି। କେନ୍ଦ୍ର ସରକାର ପ୍ରତ୍ୟେକ ଚାଷୀଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ଏହାର ସୁଫଳ କିପରି ଚାଷୀମାନେ ପାଇବେ ସେଥିପାଇଁ ପ୍ରତି ବୁଥ୍‌ରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ବୋଲି ପୂର୍ବତନ ଉପ ବାଚସ୍ପତି ପ୍ରହ୍ଲାଦ ଦୋରା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ଡଃ କାମରଜ କବାସୀ, ପୂର୍ବତନ ଜିଲା ସଭାପତି ଆଦିତ୍ୟ ମାଢି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍‌ର ବିକଳ୍ପ ହେବ କାଗଜ ଠୁଙ୍ଗା

## ସ୍ୱାବଲମ୍ବୀ ହେବେ ମହିଳା



କାଗଜ ଠୁଙ୍ଗା ପ୍ରସ୍ତୁତ କରୁଛନ୍ତି ମହିଳାମାନେ।

**ମାଲକାନଗିରି,୩।୧୦(ଡି.ଏନ୍.ଏ.)**

ରାଜ୍ୟ ସରକାର ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରୁ ପଲିଥିନ୍ ଏବଂ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ଏବେଠୁ ବଜାରରେ ପ୍ଲାଷ୍ଟିକ ଏବଂ ପଲିଥିନ ବିକ୍ରିବଟା ଉପରେ ଅଙ୍କୁଶ ଲାଗିବ। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାରେ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅର୍ଥ ଉପାର୍ଜନ ଏବଂ ଲୋକମାନଙ୍କୁ ବିକଳ୍ପ ବ୍ୟବସ୍ଥା ଯୋଗାଇ ଦେବାପାଇଁ ଅଭିନବ ଉପାୟ ଆପଣେଇଛନ୍ତି। ମାଲକାନଗିରି ଜିଲା ସଦର ମହକୁମା ଲାଇନ୍‌ମେନ ସାହିର ମାଁ ମଙ୍ଗଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କାଗଜରେ ଠୁଙ୍ଗା ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏମାନେ ପ୍ରକାଶ କରିଛି ଯେ, ମାଲକାନଗିରି ଜିଲାରେ ପଲିଥିନ୍ ନିଷେଧ ହେବା ପରେ ଯେଉଁ ଅଭାବୀ ପରିସ୍ଥିତି ସୃଷ୍ଟି ହେବ, ତାକୁ ଭରଣା କରିବା ଏବଂ ପରିବେଶକୁ ସ୍ୱଚ୍ଛ ଓ ପରିମଳ ରଖିବା ନିମନ୍ତେ ପ୍ରୟାସ ଜାରି ରହିଛି। ଏବେ କାଗଜ ଠୁଙ୍ଗାର ଚାହିଦା ବୃଦ୍ଧି ପାଇବ, ତେଣୁ ଆଜିଠାରୁ ମାଲକାନଗିରି ସହରର ବିଭିନ୍ନ ଅଞ୍ଚଳରୁ ପୁରୁଣା ସମ୍ବାଦପତ୍ର ସଂଗ୍ରହ କରି ଠୁଙ୍ଗା ପ୍ରସ୍ତୁତି ଆରମ୍ଭ କରିଛୁ। ସଭାନେତ୍ରୀ କଳ୍ପନା ରାଉଳ ପ୍ରକାଶ କରିଛନ୍ତି, ପିଲାଦିନେ ସେମାନେ ଜରି କିମ୍ବା ପ୍ଲାଷ୍ଟିକ ଜିନିଷ କାଁ ଭାଁ ଦେଖିବାକୁ ପାଉ ଥିଲୋ। ସେହି ସମୟରେ କାଗଜ ଠୁଙ୍ଗା ବହୁଳ ଭାବେ ଲୋକେ ତିଆରି କରୁଥିଲେ। ସରକାରଙ୍କ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରିକୁ ସେ ସ୍ୱାଗତ କରିଥିବା କହିଛନ୍ତି। ଗୋଷ୍ଠୀ ଅର୍ଥ ଉପାର୍ଜନରେ ସଦସ୍ୟାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜଣାପଡ଼ିଛି। ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକା ଲଳିତା ମହାନ୍ତି, ସଭ୍ୟା ତନୁ ମହାରଣା, କମଳା ନାୟକ, ରୁମ୍ପା ଖାନ୍, ସବିତା ଡାକୁଆ , ପୁଷ୍ପା ବିଷୋଇ ପ୍ରମୁଖ ନିଜର ଘର କାର୍ଯ୍ୟ ସାରି ଗୋଷ୍ଠୀ ଗୃହରେ କାଗଜ ଠୁଙ୍ଗା ତିଆରି କରୁଥିବା ସେମାନେ କହିଛନ୍ତି।

■ ପତ୍ର ବିନିମୟ ପାଠ୍ୟକ୍ରମରେ ଅର୍ଥ ହଡ଼ପ ଘଟଣା

# ଖବରଦାତାଙ୍କୁ ଦେଖି ଦୌଡ଼ି ପଳାଇଲେ କଲେଜ ସଭାପତି

**ମାଥିଲି , ୩।୧୦ (ଡି.ଏନ.ଏ)**

ପତ୍ର ବିନିମୟ ପାଠ୍ୟକ୍ରମରେ ଅର୍ଥ ହେରଫେର ଘଟଣାର ତଥ୍ୟ ଖବରଦାତାଙ୍କୁ ଦେବାକୁ ନାରାଜ ହୋଇ କଲେଜ ସଭାପତି ଦୌଡ଼ି ପଳାଇଛନ୍ତି। ବୁଧବାର ମାଲକାନଗିରି ଜିଲା ମାଥିଲି ଉତ୍କଳମଣୀ ଗୋପବନ୍ଧୁ ଜୁନିୟର କଲେଜ ପରିସରରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ପତ୍ର ବିନିମୟ ପାଠ୍ୟକ୍ରମ ବାବଦରେ ଅର୍ଥ ହେରଫେର ଘଟଣା ସମ୍ପର୍କରେ ଜାଣିବାକୁ ମାଥିଲି ଜିଲା ପରିଷଦ ସଭ୍ୟ ବାଲରାଜୁ କପେ ଯାଇଥିଲେ । ଖବର ପ୍ରସାରଣ ନିମନ୍ତେ ତଥ୍ୟ ସଂଗ୍ରହ ଏବଂ ମତାମତ ଆଣିବାକୁ ମାଥିଲିର ଖବରଦାତାମାନେ ମଧ୍ୟ ଯାଇଥିଲେ । ହେଲେ ତଥ୍ୟ ଦେବା ପରିବର୍ତ୍ତେ ମାଥିଲି ଉତ୍କଳମଣୀ ଗୋପବନ୍ଧୁ ଜୁନିୟର କଲେଜ ପରିଷଦ କମିଟି ସଭାପତି ଉଦୟନାଥ ମାଦ୍ରୀ କଲେଜରୁ ପଳାଇଯାଇଥିଲେ। କଲେଜ ସମ୍ପାଦକଙ୍କୁ ମତ ମାଗନ୍ତୁ , ମୋତେ ନୁହେଁ ବାଲି କହିଥିଲେ । ଘଟଣାର ସତ୍ୟାସତ୍ୟ ଜାଣିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଗଣମାଧ୍ୟମରେ ଖବର ପ୍ରକାଶ ପାଇ ୩ ଦିନ ବିତିଯାଇଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷଙ୍କ ତରଫରୁ କୈଣସି ପଦକ୍ଷେପ ହୋଇନାହିଁ । କଲେଜରେ ଅର୍ଥ ହେରଫେର ଘଟଣାରେ ମାଥିଲି ଉତ୍କଳମଣୀ ଗୋପବନ୍ଧୁ ଜୁନିୟର କଲେଜର ସଭାପତି ମାଦ୍ରୀ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପଡିବ ବୋଲି କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ଭିଜିଲାନ୍ସ ବିଭାଗ ତରଫରୁ ଖୋଳତାଡ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି ।

# ଶ୍ରମିକଙ୍କ ପାଦ କଟି ଦୁଇଖଣ୍ଡ

**ବାଲିମେଳା,୩।୧୦(ଡି.ଏନ୍.ଏ)**

ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରରେ କାର୍ଯ୍ୟ କରିବା ସମୟରେ ଜଣେ ଶ୍ରମିକଙ୍କ ପାଦ ଦୁଇଖଣ୍ଡ ହୋଇଛି। ଗୁରୁତର ଶ୍ରମିକଙ୍କ ହେଉଛନ୍ତି କଲିକତାର ସୋମନାଥ ସେନ୍ । ତାଙ୍କୁ ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ସୋମନାଥ ଏହି କେନ୍ଦ୍ରରେ ଟରବାଇନ୍‌ଗୁଡ଼ିକର ପୁନଃ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ଟରବାଇନରୁ ଏମ୍‌ବିଆଇ ଖୋଲିବା ପାଇଁ ଅଧିକ ତାପମାତ୍ରା ଦେବା ପରେ ମଧ୍ୟ ଖୋଲି ନ ଥିଲା। ସୋମନାଥ ଏମ୍‌ବିଆଇକୁ ବାହାର କରିବା ପାଇଁ ଟରବାଇନ୍ ଭିତରେ ପଶି କାର୍ଯ୍ୟ କରୁଥିବା ସମୟରେ ଲକ୍ ନ ଥିବାରୁ ଏହା ଖସିଆସି ତାଙ୍କ ଗୋଡ଼ରେ ପଡ଼ିଯାଇଥିଲା। ଫଳରେ ତାଙ୍କ ଗୋଡ଼ର ପାଦ ଦୁଇଖଣ୍ଡ ହୋଇଯାଇଛି। ଏଠାରେ ଶ୍ରମିକଙ୍କ ସୁରକ୍ଷା ପାଇଁ ବିଶେଷ ସୁବିଧା ନ ଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ପରେ ଗୁରୁତର ଶ୍ରମିକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ର ମୁଖ୍ୟ ପରିଚାଳକ ଶିବ ପ୍ରସାଦ ପଣ୍ଡା କହିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**କାଲିମେଳା,୩।୧୦(ଡି.ଏନ.ଏ)**




ଜନସମ୍ପର୍କ ଶୋଭାଯାତ୍ରାରେ କର୍ମୀ ଓ ନେତାମାନେ।

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରୁ ମାଲକାନଗିରି ନିର୍ବାଚନ ମଣ୍ଡଳୀର ପଡିଆ ବ୍ଲକ ସିମିଳିବାଞ୍ଚା ଓ କାଲଦାପାଲ୍ଲୀ ପଞ୍ଚାୟତରେ ଜିଲା ବିଜେଡି ତରଫରୁ ଜନସମ୍ପର୍କ ପଦଯାତ୍ରା ଜିଲା ସଭାପତି ତଥା ବିଧାୟକ ମାନସ ମାଡକାମିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିନରେ ମଧ୍ୟ ପଡିଆ ବ୍ଲକ ଉଣ୍ଡୁକୋଣ୍ଡା ପଞ୍ଚାୟତର ଏମଭି-୫୬ଠାରେ ବିଜେଡି ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଜନସମ୍ପର୍କ ପଦଯାତ୍ରାରେ ଯୁବତୀ ଯୁବକଙ୍କୁ ସଶକ୍ତୀକରଣ,ମିଶନ ଶକ୍ତି ମାଧମରେ ମହିଳାଙ୍କ ସଶକ୍ତୀକରଣ,କୃଷକ ଆୟ ଏବଂ ଉତ୍ପାଦନ ୨ ଗୁଣା, ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ପଦଯାତ୍ରାରେ ସାମିଲ ହୋଇଥିବା ଲୋକଙ୍କୁ ବୁଝାଯାଇଛି। ଏଥିରେ ଜିଲା ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମେୟର ରାଜେନ୍ଦ୍ର ଆଚାର୍ଯ୍ୟ,ଆଦିବାସୀ ବିକାଶ ପରିଷଦ ଅଧକ୍ଷ ଆଡମା ରାବା,ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ,ମାଲକାନଗିରି ବ୍ଲକ ଅଧକ୍ଷ ଅକ୍ଷୟ ନାୟକ, ଜିଲା ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା,ପଡିଆ ବ୍ଲକ ସଭାପତି ଗଙ୍ଗା କାରାମ,କାଲିମେଳା ବ୍ଲକ ସଭାପରି ଇ ଭେଙ୍କଟ ରାଓ, କାଲିମେଳା ପର୍ଯ୍ୟବେକ୍ଷକ ମନୋଜ ମାଳି ଉପସ୍ଥିତ ଥିବାବେଳେ ବିଜେଡି ନେତା ସିଏଚ ରେବିଟ ସଭା ପରିଚାଳନା କରିଥିଲେ । ସେହିପରି ଏମଭି-୫୬ଠାରେ ଅନୁଷ୍ଠିତ ସଭାରେ ବିଧାୟକଙ୍କ ସମେତ ଜିଲା ଯୁବ ସଭାପତି ଅନୁପ ମିସ୍ତ୍ରୀ, ଜିଲା ସମ୍ପାଦକ ଅଶୋକ ପାଲ,ପଡିଆ ବ୍ଲକ ଯୁବ ସଭାପତି ମୋନଦିପଙ୍କର ରାୟ,ପଡିଆ ସମ୍ପାଦକ ଆନ୍ଧା ମାଢିଙ୍ଗଲ, ଦିଲ୍ଲୀପ ମିସ୍ତ୍ରୀ, ଜଗଦୀଶ ଦାସ,ରାବିନ ମଣ୍ଡଳ,ନିଖିଲ ମଣ୍ଡଳ,ଶୁଭ୍ରାଂଶୁ ଶେଖର ସାହୁ,ନିଖିଲ ମଣ୍ଡଳ,ଅସୀମ ମଣ୍ଡଳ ଉପସ୍ଥିତ ଥିଲେ ।



## ସଂକ୍ଷେପରେ

### ଅକ୍ଟୋବର ୧୦ ପର୍ଯ୍ୟନ୍ତ ଆଇନଜୀବୀ ସଂଘର ଆନ୍ଦୋଳନ

ନବରଙ୍ଗପୁର,୩।୧୦(ବି.ପ୍ର.)-ହାଇକୋର୍ଟର ଜଣେ ଓକିଲଙ୍କୁ ପୋଲିସର ମାଡ ଘଟଣାକୁ ନେଇ ସେପ୍ଟେମ୍ବର ୧୦ ତାରିଖରୁ ଆଇନଜୀବୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହା ଅକ୍ଟୋବର ୧୦ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମପ୍ରସାଦ ପାତ୍ର ସୂଚନା ଦେଇଛନ୍ତି।

### ଥାନା ପରିସରରେ ସଫେଇ

ପାପଡାହାଣ୍ଡି,୩।୧୦(ଡି.ଏନ.ଏ)- ଗାନ୍ଧୀ ଜୟନ୍ତୀ ଅବସରରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ତାରିକ ଅହମ୍ମଦ ଓ ପିଏଲଭି ସଭ୍ୟ ରାଜ କିଶୋର ରାଓଙ୍କ ନେତୃତ୍ୱରେ କର୍ମଚାରୀମାନେ ଆବର୍ଜନା ସଫା କରିଥିଲେ। ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରାଇଥିଲେ। ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ଲାଗି ପରାମର୍ଶ ଦେଇଥିଲେ।

### ସ୍ୱଚ୍ଛ ଭାରତ ଅଭିଯାନ

ଝରିଗାଁ,୨।୧୦(ସ୍ୱ.ପ୍ର)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାଠାରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ସ୍ଥାନୀୟ ୧୫ ବାଟାଲିୟନ ବିଏସଏଫ ତରଫରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ୍ ବ୍ୟାଙ୍କ ପରିସର, ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଏବଂ ବସଷ୍ଟାଣ୍ଡ ନିକଟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏସଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅନିଲ କୁମାର ରାଉତ, ଏସଆଇ ବିକାଶ ଯାଦବ, ଏସଆଇ ବିଜୟ କୁମାର ମିଶ୍ର, ସମୀର ସିଂ, ଏସଏସ ମିନା, ପି.ଚକ୍ରବର୍ତ୍ତି, ନାରପତ ଭାଇ, ସୋମନାଥ ଦାସଙ୍କ ସହ ବହୁ ଯବାନ ଉପସ୍ଥିତ ରହିଥିଲେ। ସେହିପର ଝରିଗାଁ ବ୍ଲକର ଗ୍ରାମାଞ୍ଚଳ ମାନଙ୍କରେ ରହିଥିବା ବହୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗାନ୍ଧୀ ଜୟନ୍ତୀ ଅବସରରେ ଦେଶାତ୍ମକବୋଧ ଗୀତ ଗାନ କରି ଗ୍ରାମ ପରିକ୍ରମା କରିଥିଲେ। ସେହିପରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଏବଂ ମହିଳା ଶିଶୁ ସମନ୍ୱିତ ବିଭାଗ ପରିସରରେ ଉପସ୍ଥିତ ଅଧିକାରୀ ତଥା ସ୍ୱେଚ୍ଛାକୃତ କର୍ମଚାରୀ ମାନଙ୍କ ଦ୍ୱାରା ବ୍ଲକ କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ସ୍କୁଲରେ ତାଲା ଠୁଙ୍କିଲେ ଗ୍ରାମବାସୀ



ଗ୍ରାମବାସୀ ବିଦ୍ୟାଳୟ ଫାଟକରେ କଣ୍ଟା ବାଡ ଦେଇ ବନ୍ଦ କରିଛନ୍ତି।

**ବଡବାର୍ଲୀ ବିଦ୍ୟାଳୟ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ**

- ମୁଖ୍ୟ ଫାଟକରେ କଣ୍ଟା ବାଡ ଲଗାଇଲେ
- ନୂତନ ଗୃହ ନିର୍ମାଣ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ
- ପଦକ୍ଷେପ ନିଆ ନ ଗଲେ ଭୋଟ ବର୍ଜନ ଧମକ

ପାପଡାହାଣ୍ଡି, ୩।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସାନବାର୍ଲୀ ପଞ୍ଚାୟତ ବଡବାର୍ଲୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ନେଇ ଗ୍ରାମବାସୀ ବୁଧବାର ସ୍କୁଲରେ ତାଲା ପକାଇଛନ୍ତି । ନୂତନ ଶ୍ରେଣୀଗୃହ ନିର୍ମାଣ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି । ପ୍ରତିବାଦ ସ୍ୱରୂପ ବିଦ୍ୟାଳୟର ମୁଖ୍ୟ ଫାଟକରେ ଗ୍ରାମବାସୀ କଣ୍ଟା ବାଡ ଲଗାଇ ବନ୍ଦ କରି ଦେଇଛନ୍ତି । ପ୍ରଶାସନ ତରଫରୁ କୌଣସି ପ୍ରତିକାର କରାନଯାଏ ତା ହେଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଧମକ ଦେଇଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ମୋଟ ୧୪୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଛାତ୍ରୀଛାତ୍ରଙ୍କ ଲାଗି ରହିଛି ୨ଟି ଶ୍ରେଣୀଗୃହ । ଆବଶ୍ୟକ ଶ୍ରେଣୀଗୃହ ନ ଥିବା ବେଳେ ଭଙ୍ଗା ଦଦରା ଘରେ ପିଲା ପାଠ ପଢୁଛନ୍ତି । ଭଲ ଘର ନିର୍ମାଣ ଲାଗି ଗ୍ରାମବାସୀ ଦୀର୍ଘ ଦିନ ହେଲା ଦାବି କରି ଆସୁଛନ୍ତି। ବିଭାଗୀୟ ଅଧିକାରୀ ସହ ବିଡିଓଙ୍କୁ ମଧ୍ୟ ଜଣାଇଛନ୍ତି । ବିଦ୍ୟାଳୟ କୋଠରୀ ପୁରୁଣା ସହ ପକାଯାଇଥିବା ଟିଣ ପୁରୁଣା ହୋଇଯାଇଥିବାରୁ ବର୍ଷା ହେଲେ ବିଦ୍ୟାଳୟ ବନ୍ଦ ରହୁଛି। ବିଦ୍ୟାଳୟରେ ଦୀର୍ଘ ଦିନ ହେଲା ନଳକୂପ ଅଚଳ ହୋଇପଡିଛି । । ପିଲାଙ୍କ ଲାଗି ନିର୍ମିତ ଶୌଚାଳୟ ଅଧପନ୍ତରିଆ ହୋଇପଡିଛି । ବାରମ୍ବାର ଦାବି ସତ୍ତ୍ୱେ ଅଧିକାରୀମାନେ ସମସ୍ୟାର ସମାଧାନ ନ କରିବାରୁ ଗ୍ରାମବାସୀ ଏପରି ପଦକ୍ଷେପ ନେଇଛନ୍ତି। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠ ପଢା ବାଧାପ୍ରାପ୍ତ ହୋଇଥିଲା । ପିଲାମାନେ ଏକ ଗଛ ତଳେ ବସି ବସି ଘରକୁ ଫେରିଥିଲେ । ଚୈତନ ଜାନୀ, ଅଭି ନାଗ, ପବିତ୍ର ନାଗ, ବଳି ଜାନୀ , ବୁଟୁ ଜାନୀ, ସୁଧିର ନାଗ ପ୍ରମୁଖ ପ୍ରଶାସନର ବ୍ୟବସ୍ଥାକୁ ଦାୟୀ କରିଛନ୍ତି।



ଶୋଭାଯାତ୍ରାରେ ବିଜୁ ଯୁବ ବାହିନୀର ସଦସ୍ୟା ଓ ସଦସ୍ୟମାନେ ।

# ନିଶାକୁ ନା ସଚେତନତା ଶୋଭାଯାତ୍ରା

ନବରଙ୍ଗପୁର,୩।୧୦(ବି.ପ୍ର.)

ଗାନ୍ଧି ଜୟନ୍ତୀ ଅବସରରେ ନବରଙ୍ଗପୁର ପୌରାଞ୍ଚଳର ବିଜୁ ଯୁବ ବାହିନୀ ପକ୍ଷରୁ ଯୁବତୀମାନେ ନିଶା ମୁକ୍ତି ନେଇ ଏକ ସଚେତନା ଶୋଭାଯାତ୍ରା କରିଥିଲେ । ବିଭିନ୍ନ ପ୍ଲାକାର୍ଡ ମାଧ୍ୟମରେ ବାର୍ତ୍ତା ନିଶାକୁ ନାଁ, ସମସ୍ତେ ଶପଥ ନେବା ନିଶାରୁ ଦୂରେଇ ରହିବା ସ୍ଲୋଗାନ ଦେଇ ରାମ ମନ୍ଦିର ଛକ ଠାରୁ ଗାନ୍ଧି ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପହଞ୍ଚିଥିଲେ । ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥାର କର୍ମଚାରୀ ଜ୍ୟୋତି ପରିଛା, ଦେବୀ ପ୍ରସାଦ ପଟ୍ଟନାୟକ, ବୁଲୁ ମହାପାତ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ରୋଟାରି କ୍ଲବ ପକ୍ଷରୁ ରାଷ୍ଟ୍ର ନିର୍ମାଣ ସମ୍ବର୍ଦ୍ଧନା



ଅତିଥିମାନଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ।

ଉମରକୋଟ, ୩।୧୦(ଡି.ଏନ.ଏ)

ଉମରକୋଟ ରୋଟାରି କ୍ଲବ ଆନୁକୂଲ୍ୟରେ ରାଷ୍ଟ୍ର ନିର୍ମାଣ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ସିଟି ପ୍ରଶିକ୍ଷଣ ବିଦ୍ୟାଳୟ ପରିସରରେ ଏହି ଉତ୍ସବ କ୍ଲବର ସଭାପତି ତଥା ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ତଥା ଭାରତୀୟ ଏସସି କମିଶନର ମୁଖ୍ୟ ପ୍ରଶାସକ ଅଜିତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ଓ ଶିଷ୍ୟ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମାଜରେ ଗୁରୁ, ଶିଷ୍ୟ ପରମ୍ପରା ପ୍ରାୟ ବନ୍ଦ ହୋଇଗଲାଣି । ଗୁରୁ ନିଜ ଶିଷ୍ୟକୁ ବୌଦ୍ଧିକ ଜ୍ଞାନ ପ୍ରଦାନ କରିବା ସହ ଶିଷ୍ୟର ଜ୍ଞାନଚକ୍ଷୁକୁ ସକ୍ରିୟ କରିଥାନ୍ତି । ଯାହା ଫଳରେ ଶିଷ୍ୟ ଜଣକ ଭବିଷ୍ୟତରେ ଜ୍ଞାନି, ମାନି ଓ ଚରିତ୍ରବାନ ହୋଇ ଗଢି ଉଠେ । ରାଷ୍ଟ୍ର ନିର୍ମାଣରେ ନିଜକୁ ଏକ ସୁସ୍ଥ ସିପାହୀ ଭଳି ନିୟୋଜନ କରିପାରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ଭୁକ୍ତା, କ୍ଲବର ସମ୍ପାଦକ ମନୋଜ ଶର୍ମା ଯୋଗ ଦେଇଥିଲେ। ଉମରକୋଟ ରୋଟାରି ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ ପକ୍ଷରୁ ଶିକ୍ଷକ ତ୍ରିପତି ପଟ୍ଟନାୟକ, ଅନୁପ କୁମାର ବେହେରା, ଶିକ୍ଷୟିତ୍ରୀ ଝିଲିରାଣୀ ବେହେରା, କୁମାରୀ ସୁଜ୍ଞାନୀ ପ୍ରଧାନ, ନମିତା ସାହୁଙ୍କୁ ଆଦର୍ଶ ଶିକ୍ଷକ ଭାବେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୋଟାରି କ୍ଲବର ପୂର୍ବତନ ସଭାପତି ଝାଡେଶ୍ୱର ମହାନ୍ତି, ରୋଟାରି କ୍ଲବର ସଭ୍ୟ ବଂଶୀଧର ଭୂୟାଁ, ରାଇଘର ବିଡିଓ ଦେବୀପ୍ରସାଦ ଟାଲି, ରୋଟାରି କ୍ଲବର ସମ୍ପାଦକ ମନୋଜ ଶର୍ମା, ଅବସରପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ବେବର୍ତ୍ତା, ଦଣ୍ଡପାଣି ଘାଡଙ୍ଗା, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ, ଦିଲୁ ପଟ୍ଟନାୟକ, ନରେଶ ପଟ୍ଟନାୟକ, ଶାନ୍ତିଲତା ମହାନ୍ତି, ସୁନିତା ପଟ୍ଟନାୟକ, ପ୍ରଶାନ୍ତ କୁମାର ସାହୁ ଏବଂ ରାମ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଟୁଟୁବାବୁ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ପରିଷଦର ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ

ନବରଙ୍ଗପୁର,୩।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ଖ୍ରୀଷ୍ଟିୟାନ ସଂଖ୍ୟାଲଘୁ ପରିଷଦ ଆନୁକୂଲ୍ୟରେ କୋଷାଗୁମୁଡା ବ୍ଲକର କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଠାରେ ଜିଲା ସଭାପତି ତୀର୍ଥ ଚରଣ ନାୟକ ସଭାପତିତ୍ୱ କରିଥିଲେ । ପାଷ୍ଟର ଗୌରବ କାଉଁରି କାର୍ଯ୍ୟସୂଚୀ ଓ ନିୟମ ଗୁଡିକ ପାଠ କରିଥିଲେ । ଅବିଭକ୍ତ କୋରାପୁଟ ଜିଲା ସଂଖ୍ୟାଲଘୁ ପରିଷଦର ସଭାପତି ସୁଧିର ପାତ୍ର ଏହି ପରିଷଦ ଖ୍ରୀଷ୍ଟିୟାନ ସମାଜକୁ ଗୋଟିଏ ଡୋରୀରେ ବାନ୍ଧି ରଖି ସମସ୍ତ ସୁବିଧା ଅସୁବିଧାରେ ସହାୟକ ହେବ ବୋଲି କହିଥିଲେ । ଉପସଭାପତି ରେଭ ଉଲ୍ଲାସ କର, ଉପଦେଷ୍ଟା ଆନାଦି କର, ରେଭ ଥିମଥି ଛିଞ୍ଚାଣୀ, ମିଡିଆ ସମ୍ପାଦକ ଦୟାନିଧି ସୁନା, ଟୁକୁନା ଖୁରା, ସାମୁଏଲ ବାବୁ, ନନ୍ଦାହାଣ୍ଡି ବ୍ଲକ ସଭାପତି ଦିବ୍ୟଦାନ ସୁନା, ତେନ୍ତୁଳିଖୁଣ୍ଟିରୁ ଜୀବନ ଟାକ୍ରୀ, ପାପଡାହାଣ୍ଡିରୁ ସୁକାନ୍ତ ନାଗ, ରାଇଘରରୁ ମୁନା ରୂପଚାନ୍ଦ ସହ ସମସ୍ତ ଜିଲାସ୍ତରୀୟ କର୍ମକର୍ତ୍ତା କୋଷାଗୁମୁଡା ବ୍ଲକର ନୂତନ କର୍ମକର୍ତ୍ତା ଚୟନ କରିଥିଲେ । କୋଷାଗୁମୁଡା ବ୍ଲକ ସଭାପତି ଭାବେ ବାବିନ୍ଦ୍ର ନାୟକ, ଉପସଭାପତି ଅନିଲ କୁମାର ବାଘ ଓ ଦିଲ୍ଲିପ କୁମାର ଜୁବଲି, ସମ୍ପାଦକ ତପନ କୁମାର ଖସ୍ଲା, ସହ ସମ୍ପାଦକ ସୁରନ୍ଦିପ ପ୍ରଧାନ, ମିଡିଆ ସମ୍ପାଦକ ପରମାନନ୍ଦ ଖସ୍ଲାଙ୍କ ସହ ୧୦ ଜଣ ଉପଦେଷ୍ଟା ଏବଂ ୧୫ ଜଣଙ୍କୁ କମିଟି ସଭ୍ୟ ଭାବେ ମନୋନୀତ କରାଯାଇଥିଲା । କୋଷାଗୁମୁଡା ପାରିସର ଡିନ୍ ଶିଶିର କୁମାର ଗଣ୍ଡା ନବନିର୍ବାଚିତ ପ୍ରାର୍ଥୀ ମାନଙ୍କ ପ୍ରାର୍ଥନା କରାଇଥିବା ବେଳେ ରେଭ୍ ଛିଞ୍ଚାଣୀ ଆଶିର୍ବାଦ ପ୍ରଦାନ କରିଥିଲେ ।



ଧରିତ୍ରୀ ଏବଂ ଓଡିଶା ପୋଷ୍ଟର ପ୍ଲାଷ୍ଟିକ ଫ୍ରି ଓଡିଶା ଅଭିଯାନରେ ସାମିଲ ହୋଇଥିବା ଡାବୁଗାଁ ବ୍ଲକର ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ।

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ

ଡାବୁଗାଁ,୩।୧୦(ଡି.ଏନ.ଏ.)

ଧରିତ୍ରୀ ଏବଂ ଓଡିଶା ପୋଷ୍ଟର ପ୍ଲାଷ୍ଟିକ ଫ୍ରି ଓଡିଶା ଅଭିଯାନରେ ଡାବୁଗାଁ ବ୍ଲକର ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୁଧବାର ସାମିଲ ହୋଇଛି । ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଧ୍ୟକ୍ଷ ସୁକାନ୍ତ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ପି.ଭି ମାଳେଶ୍ୱରୀ, ଆରତି ବିଶୋଇ, ମନ୍ଦାକିନୀ ଆଚାର୍ଯ୍ୟ, ରଶ୍ମୀରାଣୀ ପଣ୍ଡା, ବିନୀତା ଠାକୁର, କାଞ୍ଚନପ୍ରଭା ନାୟକ, କେ.ଦମୟନ୍ତୀ ଦୋରା, ମେନକା ସାମଲ, ଇତିଶ୍ରୀ ପ୍ରଧାନ, ଗୀତାଞ୍ଜଳୀ ଭୂୟାଁ, ସସ୍ମିତା ବେହେରା, ଅରୁନ୍ଧତୀ ବରାଳ,ନିହାରିକା ପଟ୍ଟନାୟକ, ସୀତାଲକ୍ଷ୍ମୀ ବେହେରା, ଶିକ୍ଷକ ସୁକାନ୍ତ ସରକାର,ଯୋଗୀନ୍ଦ୍ର ରାଉତ ଓ ସନାତନ ଭୋଇ ଏବଂ ଛାତ୍ରୀମାନେ ପ୍ଲାଷ୍ଟିକ ଫ୍ରି ଓଡିଶା ଅଭିଯାନରେ ସାମିଲ ହୋଇଥିଲେ।

# ଓଡିଶା କ୍ରିକେଟ ଦଳରେ ପି. ରୋଶନ କୁମାର

ନବରଙ୍ଗପୁର,୩।୧୦ (ବି.ପ୍ର.)

ନୂଆଦିଲ୍ଲୀ ଠାରେ ଚାଲିଥିବା ବିଜୟ ହଜାରେ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଘୋଷିତ ୧୫ ଜଣିଆ ଓଡିଶା କ୍ରିକେଟ ଦଳରେ ନବରଙ୍ଗପୁର ଜିଲା ଝରିଗାଁର ପି. ରୋଶନ କୁମାର ରାଓ ସ୍ଥାନ ପାଇଛନ୍ତି । ନବରଙ୍ଗପୁର ଜିଲା ଭଳି ଏକ ଉପାନ୍ତ ଅଞ୍ଚଳରୁ ଓଡିଶା କ୍ରିକେଟ ଦଳରେ ସେ ସ୍ଥାନ ପାଇବା ଖବର ଶୁଣି ଜିଲାରେ ଖୁସିର ଲହରି ଖେଳି ଯାଇଛି । ଜିଲାର ସମସ୍ତ କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସିର ଖବର ବୋଲି ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ କହିଛନ୍ତି । ବାପା ମାଆ ଓ କୋଚ ଏମ. ବାଲକ୍ରିଷ୍ଣା ରାଓ, ଜିଲା କ୍ରିକେଟ ଟିମ ମ୍ୟାନେଜର ଶାଶାଙ୍କ ଶେଖର ବେହେରା ଓ ନବରଙ୍ଗପୁର କ୍ରିକେଟ ସଂଘକୁ ରୋଶନ ଏହି ଶ୍ରେୟ ଦେଇଛନ୍ତି। ଆଗାମୀ ମ୍ୟାଚ ଓଡିଶା ଦଳ ସହ ସୌରାଷ୍ଟ୍ର ଓ ହାଇଦ୍ରାବାଦ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଓଡିଶା ଦଳରେ ଏକ ମାତ୍ର ଉଇକେଟ କିପର ଭାବେ ସୁଯୋଗ ମିଳିଥିବାରୁ ରୋଶନଙ୍କ ଖେଳିବା ଏକ ପ୍ରକାର ସୁନିଶ୍ଚିତ ବୋଲି ଜିଲା କ୍ରିକେଟ ସଂଘର ମିଡିଆ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।



# ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

ଡାବୁଗାଁ, ୩।୧୦ (ଡି.ଏନ.ଏ.)– ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟଠାରେ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏଥିରେ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନଙ୍କୁ ଗାନ୍ଧୀ ବେଶରେ ସଜାଇ ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ସମସ୍ତ ଅଧିକାରୀ ଓ କର୍ମଚାରୀ ମିଳିତ ହୋଇ କାର୍ଯ୍ୟାଳୟ ପରିସର ସଫେଇ କରିଥିଲେ ।ଏଥିରେ ଅଙ୍ଗନୱାଡି ସୁପରଭାଇଜର ମିନତୀ ଦାସ, ପ୍ରଣମିତା ପଟ୍ଟନାୟକ, ବିମଳା ନାୟକ, କମଳା ପନକା, ରୋଜାଲିନ ପ୍ରଧାନ ଓ କୁନମୁନ ସେନାପତି ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ । ସେହିପରି ଡାବୁଗାଁ ବ୍ଲକ କାର୍ଯ୍ୟାଳୟରେ ମଧ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏଥିରେ ଅଧିକାରୀମାନେ ମିଳିତ ହୋଇ ବ୍ଲକ କାର୍ଯ୍ୟାଳୟ ସଫେଇ କରିଥିଲେ । ଏଥିରେ ବିଡିଓ ଗୌରହରି ପାତ୍ର, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ, ମୁଖ୍ୟ କିରାଣୀ ଗଗନ ସୌରା, କିରାଣୀ ସୁଧାଂଶୁ ଶେଖର ମିଶ୍ର ,ଦୁର୍ଯ୍ୟୋଧନ ଗୌଡ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପ୍ରଧାନ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ।



ଗାନ୍ଧୀ ବେଶରେ ସଜ୍ଜିତ ହୋଇଥିବା କୁନି କୁନି ପିଲାମାନେ ।

■ ଓଡିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା

# ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

ନବରଙ୍ଗପୁର/ଚନ୍ଦାହାଣ୍ଡି/ଝରିଗାଁ, ୩।୧୦(ଡି.ଏନ.ଏ./ସ୍ୱ.ପ୍ର)

ଓଡିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ ପରେ ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମ ପର୍ଯ୍ୟାୟରେ ୮୩୧ ଜଣ ହିତାଧିକାରୀଙ୍କୁ ମୁଖ୍ୟ ଅତିଥି ବିଧାୟକ ମନୋହର ରନ୍ଧାରୀ ରାଶନ କାର୍ଡ ବିତରଣ କରିଥିଲେ । ଏହା ଦ୍ୱାରା ୨୪ ୮୯ ଜଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡଃ. ଅଜିତ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା, ଏସିଏସଓ ଲକ୍ଷ୍ମଣ ରାଓ, ଦୁର୍ଗା ମାଝୀ, ବିଡିଓ ଲଳିତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ହିରାମଣି ପୂଜାରୀ ଓ ଉପାଧ୍ୟକ୍ଷା ଅପରାଜିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଚନ୍ଦାହାଣ୍ଡି ବ୍ଲକରେ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଡ ବଣ୍ଟନର ଶୁଭାରମ୍ଭ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗଦେଇ ୧୫୨୪ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରିଥିଲେ । ଏହି ଯୋଜନାରେ ଯେଉଁମାନେ ବଞ୍ଚିତ ହୋଇଛନ୍ତି ସେମାନେ ପୁଣି ଆବେଦନ କରିପାରିବେ ବୋଲି ମନ୍ତ୍ରୀ କହିଥିଲେ । ସମାଜ କଲ୍ୟାଣ ଅଧିକାରୀ ତୁଷାର ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଡିଓ ପ୍ରଫୁଲ୍ଲ କୁମାର କହଁର, ଏମପି ପ୍ରତିନିଧି ପ୍ରଶାନ୍ତ କୁମାର ପାରୀ, ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆ, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ଶ୍ୟାମ ମାଝି,ଜିପିଇଓ କାଳୁ ଚରଣ ନାୟକ, ବିଇଓ ଭଜନଲାଲ ମାଝି, ଏବିଇଓ ପୁରୁଷୋତ୍ତମ ପାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଝରିଗାଁ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇ ବ୍ଲକର ୨୭୦୦ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରିଛନ୍ତି । ଫଳରେ ପ୍ରାୟ ୧୦ ହଜାର ଜନସାଧାରଣ ଉପକୃତ ହୋଇଛନ୍ତି। ପରେ ଜଙ୍ଗଲ ଜମି ଯୋଜନାରେ ୧୨୮ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ପରିବାର ମଙ୍ଗଳ ଯୋଜନାରେ ପୂର୍ଣ୍ଣିମା ନାୟକ ଏବଂ ମଥୁରା ମାଝୀଙ୍କୁ ୨୦ ହଜାର ଟଙ୍କାର ସହାୟତା ରାଶି ଚେକ ମାଧ୍ୟମରେ ପ୍ରଦାନ କରାଯାଇଛି। ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧ୍ରୁବୁଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମୁଲା ଗଣ୍ଡ, ଉପାଧ୍ୟକ୍ଷା ମଞ୍ଜୁଲତା ପନକା, ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ଏମପିଙ୍କ ବ୍ଲକ ପ୍ରତିନିଧି ଉଦୟନାଥ ନାୟକ, ତହସିଲଦାର କ୍ଷମାନିଧି ଭୋଇ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ବ୍ଲକ ଯୋଗାଣ ନିରୀକ୍ଷକ ଅଜୟ କୁମାର ଦାସ, ସଂଗ୍ରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

DSPL-184

ବନ୍ୟପ୍ରାଣୀ ସପ୍ତାହ ୨୦୧୮

ଚଳିତ ବର୍ଷ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ
୦୫-୧୦-୨୦୧୮ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ
ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ।
ଏହି ସମାରୋହରେ
ଓଡ଼ିଶାର ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
ଶ୍ରୀଯୁକ୍ତ ବିଜୟଶ୍ରୀ ରାଉତରାୟ
ମୁଖ୍ୟ ଅତିଥିଭାବେ ଯୋଗଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି
ଏବଂ
ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଅସିତ କୁମାର ତ୍ରିପାଠୀ, ଭା.ପ୍ର.ସେ.
ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିବେ।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶା
ଡ. ଦେବବ୍ରତ ସ୍ୱାଇଁ ଭା.ବ.ସେ.
ଉକ୍ତ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ମଧ ଯୋଗଦାନ କରିବେ ।

ଉକ୍ତ ଉତ୍ସବରେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିବାକୁ
ଆପଣଙ୍କୁ ବିନୀତ ଅନୁରୋଧ।

ଡ. ସନ୍ଦୀପ ତ୍ରିପାଠୀ
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, (ବନ୍ୟପ୍ରାଣୀ) ତଥା
ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡ଼ିଶା, ଭୁବନେଶ୍ୱର

08006/13/0001/1819



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡି ଆସୁଛି, ସେତେବେଳେ ଭଗବାନଙ୍କୁ ରଡ଼ିଛାଡ଼ି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ।
-ଶିରିଡ଼ି ସାଇବାବା



# ନାମାଙ୍କନ ପରେ କଲେଜ କ୍ୟାମ୍ପସ ଉଷ୍ମ

**କୋରାପୁଟ/ଜୟପୁର,୩।୧୦(ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)**

ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ କ୍ୟାମ୍ପସ ଏବେ ଚଳଚଞ୍ଚଳ। ବୁଧବାର ସଂସଦର ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଦାଖଲ ହୋଇଛି। କୋରାପୁଟ ସରକାରୀ ମହାବିଦ୍ୟାଳୟରେ ୧୭ ଜଣ ଛାତ୍ରୀଛାତ୍ର ନାମାଙ୍କନ ପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ଡ. କୈବଲ୍ୟ ବେହେରା କହିଛନ୍ତି। ଛାତ୍ର ସଂସଦ ସଭାପତି ପାଇଁ ୭ ପ୍ରାର୍ଥୀ ହୃଷିକେଶ ମଣ୍ଡଳ, ମୁକେଶ କୁଲଦିପ, ଅରାକେ ବିଶୋଇ, ଆଦିତ୍ୟ ନାରାୟଣ ସାହୁ, ରଣଜିତ କୁମାର ବାଖ୍ୟା, ସୁନିଲ ଖୋସଲା, ନିଳା ମୁଦୁଲି ନାମାଙ୍କନ କରିଛନ୍ତି। ସଂପାଦକ ପାଇଁ ସିମ୍ରନ ଖରା, ତୁମେଶ୍ୱର ନାୟକ, ସହଦେବ ଖରା, ଉପସଭାପତି ପାଇଁ ଏକମାତ୍ର କେ. କୁମାର, ବିଜ୍ଞାନ ପରିଷଦ ସଂପାଦକ ପାଇଁ କେଶବ ମାଝି , କ୍ରୀଡ଼ା ସଂପାଦକ ପାଇଁ ଅଜିତ ନାୟକ ନାମାଙ୍କନ କରିଛନ୍ତି। କମନ ରୁମ ସଂପାଦକ ପାଇଁ କାର୍ତିକ ଶିଶା, ଅନିରୁଦ୍ଧ ପୂଜାରି, ଡ୍ରାମାଟିକ ସଂପାଦକ ପାଇଁ ନାରାୟଣ ଚୌଧୁରୀ, ସ୍ୱରାଜ ନାୟକ ନାମାଙ୍କନ କରିଛନ୍ତି।

**ବିକ୍ରମଦେବ କଲେଜ**
୮ ପଦବୀ ପାଇଁ ୨୩ ଜଣ କଲେ ନାମାଙ୍କନ

**ମହିଳା ମହାବିଦ୍ୟାଳୟ**
୩ ପଦବୀ ପାଇଁ ୬ ଜଣଙ୍କ ନାମାଙ୍କନ

**କୋରାପୁଟ କଲେଜ**
୭ପଦବୀ ପାଇଁ ୧୭ ଜଣଙ୍କ ନାମାଙ୍କନ


ବିକ୍ରମଦେବ କଲେଜରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ସେହିପରି ଜୟପୁର ସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରାର୍ଥୀମାନେ ବାଜା ବାଜଣା ସହ ପଟୁଆରରେ ଯାଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଛାତ୍ର ସଂସଦ ସଭାପତି ପାଇଁ ସର୍ବାଧିକ ୭ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେହିପରି ଉପସଭାପତି ୨ ଜଣ, ସାଧାରଣ ସଂପାଦକ ୪ ଜଣ, ସହକାରୀ ସଂପାଦକ ୨ ଜଣ, କ୍ରୀଡ଼ା ସଂପାଦକ ୪ ଜଣ, ନାଟ୍ୟ ସଂସଦ ଓ ସହ ନାଟ୍ୟ ସଂସଦ ପାଇଁ ଜଣେ ଲେଖାଏଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଶୁକ୍ରବାର ପ୍ରାର୍ଥିପତ୍ର ଯାଞ୍ଚ ଓ ଥାନା ରିପୋର୍ଟ ପରେ ପୂର୍ବାହ୍ନରେ କାୟମ ରହିଥିବା ପ୍ରାର୍ଥିପତ୍ର ସୂଚୀ ବାହାରିବ । ସନ୍ଧ୍ୟାରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ଶନିବାର ଅନ୍ତିମ ସୂଚୀ ପ୍ରକାଶିତ ହେବ । ୧୦ ତାରିଖରେ ହ୍ୱାଇ ଆଇ ଷ୍ଟାଣ୍ଡ ଫର ମିଟିଂ ପରେ ୧୧ରେ ଭୋଟଦାନ ଏବଂ ଅପରାହ୍ନରେ ଫଳାଫଳ ଘୋଷଣା, ୧୨ରେ ଶପଥପାଠ ଉତ୍ସବ ଅନୁଷ୍ଠିତ ହେବ ବୋଲି ଅଧକ୍ଷା ଡ. ରଚନା ଆଚାର୍ଯ୍ୟ କହିଛନ୍ତି। ସେହିପରି ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ସଂସଦ ସଭାପତି ପଦବୀ ପାଇଁ ୩ ଜଣ, ଉପସଭାପତି ୨ଜଣ ଏବଂ ସାଧାରଣ ସଂପାଦିକା ପାଇଁ ଜଣେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

## ସଂକ୍ଷେପରେ

### ଡିକି ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ, ଯୁବକ ଗିରଫ

**ଜୟପୁର,୩।୧୦(ନି.ପ୍ର.):** ଜୟପୁର ମୁଖ୍ୟରାସ୍ତାରେ ଡିକି ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ ଘଟଣାରେ ପୋଲିସ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲା ସୋରଡା ଅଞ୍ଚଳର ମୁନା ଦାସ (୨୦) । ଗତ ୧ ତାରିଖରେ ମୁନା ବାଇକର ଡିକି ଭାଙ୍ଗି ଟଙ୍କା ଲୁଟ୍‌କରି ଚମ୍ପଟ ମାରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଥିଲେ । ଜୟପୁର ଜଗତଜନନୀ ପିସିଓର ମାଲିକ ଶିବରାମ ମଲ୍ଲିକ ବାଇକ ରଖି ଦୋକାନ ଖୋଲିବା ବେଳେ ଜଣେ ଦୁର୍ବୃତ୍ତ ଡିକି ଭାଙ୍ଗି ସେଥିରେ ଥିବା ଟଙ୍କା ବ୍ୟାଗ୍ ଧରି ଚମ୍ପଟ ମରୁଥିଲେ। ଏହା ଦେଖି ଶିବ ପାଟି କରିବାରୁ ନିକଟରେ ଥିବା ଟ୍ୟାକ୍ସି ୟୁନିୟନର ଡ୍ରାଇଭରମାନେ ଦୁର୍ବୃତ୍ତକୁ କାବୁ କରିଥିଲେ। ଏନେଇ ପୋଲିସ କେସ୍ ନଂ ୨୮୪/୧୮ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଏସଆଇ ସଞ୍ଜୟ ମଣ୍ଡଳ କହିଛନ୍ତି।

### ସଚେତନତା ଶୋଭାଯାତ୍ରା

**ଜୟପୁର,୩।୧୦(ନି.ପ୍ର.):** କୋରାପୁଟ ଜିଲା ଗାୟତ୍ରୀ ପରିବାର ତରଫରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଜୟପୁର ଗାୟତ୍ରୀ ମନ୍ଦିରରୁ ଗାୟତ୍ରୀ ଭକ୍ତଙ୍କ ସହ ଛାତ୍ରୀଛାତ୍ର ସାମିଲ ହୋଇ ହାତରେ ସଚେତନତା ବାର୍ତ୍ତା ପ୍ଲାକାର୍ଡ ଧରି ପରିକ୍ରମା କରିଥିଲେ। ମାଦକ ଦ୍ରବ୍ୟ ସେବନ ଛାଡ଼ି ସୁସ୍ଥ ସମାଜ ଗଠନ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**କୋଲାବନଗର,୩।୧୦(ଡି.ଏନ୍.ଏ.):** କୋରାପୁଟ ସଦର ବ୍ଲକ ଅନ୍ତର୍ଗତ କୋଲାବନଗର ବଣିକ ସଂଘର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ସ୍ଥାନୀୟ ଚିତ୍ତବିନୋଦନ କେନ୍ଦ୍ରରେ ସଂଘ ସଭାପତି ଯୋଗେନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସଂଘ ପକ୍ଷରୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତି ବିଶେଷ ଧାନ ଦିଆଯାଇଛି। ଚଳିତ ବର୍ଷ ଶ୍ରଦ୍ଧାଳୁମାନଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ବିଶେଷ ଧାନ ଦିଆଯାଇଛି। ପୂଜା ସହିତ ପ୍ରତିଦିନ ସନ୍ଧ୍ୟା ଆଳତୀ ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱଚ୍ଛ ରଖାଯିବାକୁ ସ୍ଥିର କରାଯାଇଛି। ବୈଠକରେ ୭୦ ଜଣ ବଣିକ ଉପସ୍ଥିତ ଥିବାବେଳେ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ହରିଶ ଚନ୍ଦ୍ର ସାହୁ, କୋଷାଧକ୍ଷ ଭଗବାନ ପ୍ରଧାନ ପ୍ରସ୍ତାବ ଓ ନିଷ୍ପତ୍ତି ସୁଚାରୁ ରୂପେ କାର୍ଯ୍ୟକାରୀ କରିବାକୁ ସହମତି ପ୍ରଦାନ କରିଥିଲେ।

### ସରିଲା ଗ୍ରାମସଭା

**ଦଶମନ୍ତପୁର,୩।୧୦(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ ରାଜୀବ ଗାନ୍ଧି ସେବାକେନ୍ଦ୍ରରେ ଗାନ୍ଧି ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ସରପଞ୍ଚ ବଳରାମ ମୁଦୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ନୋଡାଲ ଅଧିକାରୀ ବିଦେଶୀ ପଟ୍ଟନାୟକ, ଜିଆରଏସ୍ ଭୁବନ ନାୟକ, ପିଇଓ ନରସିଂହ ପଟ୍ଟନାୟକ, ନାଏବ ସରପଞ୍ଚ, ଉଦ୍ୟାନ ବିଭାଗ ଅଧିକାରୀ ମଧୁସୂଦନ ବାଣୁଆ, ଯୋଗାଣ ସହାୟକ ଆଶିଷ ଖରା, ଲକ୍ଷ୍ମଣ ବିଶୋଇ ଯୋଗ ଦେଇଥିଲେ। ପଞ୍ଚାୟତର ୨୪ ଖଣ୍ଡ ଗ୍ରାମର ଆଶା, ଅଙ୍ଗନୱାଡ଼ି କର୍ମୀ, ୱାର୍ଡ଼ମେମ୍ବର ଓ ଜନସାଧାରଣ ଉପସ୍ଥିତ ଥିଲେ। ଆଗାମୀ ୫ ବର୍ଷ ପାଇଁ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ସହ ପଲ୍ଲୀସଭା ମାଧମରେ ଲୋକଙ୍କ ସମସ୍ୟାର ସମାଧାନ କିପରି ହୋଇପାରିବ, ତାହା ଅଧିକାରୀମାନେ ବୁଝାଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନା ଓ ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପ୍ରତି ଗାଁକୁ ସାମିଲ କରାଯିବା, ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ପରିମଳ ବାବଦରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ମୋହନ ଗରଡ଼ା ଓ ବିଜୁ ଯୁବ ବାହିନୀ ପରିଚାଳନା କରିଥିଲେ।

### ଖବରଦାତାଙ୍କୁ ଆକ୍ରମଣ ଘଟଣାର ନିନ୍ଦା

**ସେମିଳିଗୁଡ଼ା,୩।୧୦(ସ୍ୱ.ପ୍ର.):** ରାଜ୍ୟର ବିଭିନ୍ନ ସ୍ଥାନରେ ଖବରଦାତାଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରିଛି ସ୍ଥାନୀୟ ପ୍ରେସ୍‌କ୍ଲବ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରେସ୍‌କ୍ଲବ ସଭାପତି ଅଜୟ ସାହୁ ଓ ଅଫିସ୍ ସେକ୍ରେଟାରୀ ବାସୁଦେବ ବରାଡ଼, ସାଧାରଣ ସମ୍ପାଦକ ମନୋଜ ପଟ୍ଟନାୟକ, କୁରୁମା ରାଓ, ରାଜକିଶୋର ନାୟକ ପ୍ରମୁଖ ଦାବି ଜଣାଇଛନ୍ତି। ସାମ୍ବାଦିକଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ ହେଉ। ଆଗକୁ ଏଭଳି ଘଟିଲେ ଖବରଦାତା ରାଜରାସ୍ତାକୁ ଓହ୍ଲାଇବେ ବୋଲି କୁହାଯାଇଥିଲା।

■ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# କୋର୍ଟ ବର୍ଜନ ସହ ୪ ଦିନ ଧାରଣା

**ଜୟପୁର,୩।୧୦(ନି.ପ୍ର.)**

ଜୟପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କୋର୍ଟ ବର୍ଜନ କରି ଧାରଣାରେ ବସିବାକୁ ନିଷ୍ପତ୍ତି ହୋଇଛି। ବୁଧବାର ଜିଲା ଓକିଲ ସଂଘର ଜୟପୁର କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୯ରୁ ୧୨ ପର୍ଯ୍ୟନ୍ତ ଜୟପୁର ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ୪ ଦିନ ଓକିଲମାନେ କୋର୍ଟ ବର୍ଜନ କରି ଧରଣାରେ ବସିବେ। ଏନେଇ ସଂଘ ପକ୍ଷରୁ ଜିଲା ଜଜ୍‌ଙ୍କୁ ଅବଗତ କରାଯାଇଥିବା ବେଳେ ଜୟପୁରରେ ଥିବା ୧୫ରୁ ଅଧିକ କୋର୍ଟର କାର୍ଯ୍ୟ ଓକିଲମାନେ ବର୍ଜନ କରି ଧାରଣାରେ ବସିବେ । ଗତ ୨୮ ତାରିଖରେ ମଧ୍ୟ ଆଇନଜୀବୀମାନେ ବିଶାଳ ବାଇକ ଶୋଭାଯାତ୍ରା କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ବୁଧବାର ଅନୁଷ୍ଠିତ ବୈଠକରେ ରବିନ୍ଦ୍ର ପାତ୍ର, ପ୍ରଭାକର ପଟ୍ଟନାୟକ, ଶରତ ମାଝି, ହରିଶ ମୁଦୁଲି, ଗିରିଧର ଖରା, ଦିବାକର ଗୌଡ଼, କେ. ଦିବାକର ରାଓ, ତାରିଣୀ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ସୁଙ୍କିରେ କଂଗ୍ରେସ କର୍ମୀ ସମାବେଶ


କଂଗ୍ରେସ ସମାବେଶରେ ମଞ୍ଚାସୀନ ଅତିଥିମାନେ।

**ପଟାଙ୍ଗି,୩।୧୦(ଡି.ଏନ୍.ଏ.)**

ସୁଙ୍କିସ୍ଥିତ ଜାତୀୟ ରାଜପଥ ଡାକବଙ୍ଗଳାରେ ବୁଧବାର ଜୋନ ୨ ସଭାପତି ଶୁକ୍ରା ଖରାଙ୍କ ନେତୃତ୍ୱରେ କଂଗ୍ରେସର ବିରାଟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଏଥିରେ ଯୋଗଦେଇ କହିଥିଲେ ଯେ, ୧୯ ବର୍ଷ ଭିତରେ ବିଜେଡି ସରକାର ଗାଁର ସାଧାରଣ ଲୋକଙ୍କ ପାଇଁ କିଛି କରିନାହାନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ଆମ ଗାଁ ଆମ ବିକାଶ ଯୋଜନା ପ୍ରଣୟନ କରି ତାଙ୍କ ଦଳ ଭୋଟ ପାଇଥିବା ଗ୍ରାମରେ ହିଁ ତାହା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବତନ ବିଧାୟକ ସଭାପତି ରାମଚନ୍ଦ୍ର କାଡାମ ଏକାଠି ହୋଇ ରାଜ୍ୟ ସରକାରଙ୍କୁ କଡ଼ା ଜବାବ ଦେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଦେଶ କଂଗ୍ରେସ ସମ୍ପାଦକ ଦୁର୍ଗାଶଙ୍କର ସାହୁ, ଜିଲା କଂଗ୍ରେସ ଉପସଭାପତି କୃଷ୍ଣଚନ୍ଦ୍ର ନେପାକ, ପୂର୍ବତନ ବିଧାୟିକା ଚନ୍ଦ୍ରମା ସାନ୍ତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ବିରୋଧୀ କାର୍ଯ୍ୟର ତୀବ୍ର ସମାଲୋଚନା କରିଥିଲେ। ଜୋନ ୧ ସଭାପତି ନୃସିଂହନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହିତାଧିକାରୀଙ୍କୁ ମିଳିଲା ଖାଉଟି କାର୍ଡ଼



କୁନ୍ଦୁରାଠାରେ ଜଣେ ହିତାଧିକାରୀଙ୍କୁ ଅତିଥିମାନେ ଖାଉଟି କାର୍ଡ ପ୍ରଦାନ କରୁଛନ୍ତି।



ବୋରିଗୁମ୍ମାରେ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ଓ ୨ ବିଧାୟକ।

**ପଟାଙ୍ଗି/କୁନ୍ଦୁରା/ବୋରିଗୁମ୍ମା, ୩।୧୦(ଡି.ଏନ୍.ଏ.)**

ପଟାଙ୍ଗି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବୁଧବାର ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ହିତାଧିକାରୀଙ୍କୁ ଖାଉଟି କାର୍ଡ଼ ବଣ୍ଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୮୧୮ଟି କାର୍ଡ଼ ଦିଆଯିବ। ୧୪୪୬ ପରିବାର ବର୍ଗ ଉପକୃତ ହେବେ ବୋଲି ସେ କହିଛନ୍ତି। ଅନ୍ୟତମ ଅତିଥି ଭାବେ ବ୍ଲକ୍ ଅଧକ୍ଷ ଅଶୋକ ପାଙ୍ଗି କହିଥିଲେ, ରାଜ୍ୟ ସରକାରଙ୍କ ଅନେକ ଯୋଜନା ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ହୋଇଥିବା ବେଳେ ଏହା କିପରି ଗରିବ ଲୋକଙ୍କ ପାଖରେ ସୁରୁଖୁରୁରେ ପହଞ୍ଚିବ, ସେଥିପାଇଁ ଅଧିକାରୀ ଦୃଷ୍ଟି ଦିଅନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ଜଗତଜ୍ୟାତି ପାଙ୍ଗି, ଜୋନ ୧ ଜିଲା ପରିଷଦ ସଭ୍ୟ ଡୁମୁରି ଖିଲ, ଜୋନ ୨ର ଜିଲା ପରିଷଦ ସଭ୍ୟା ସଙ୍ଗୀତା ଗଣ୍ଡରି, ବିଡିଓ କରୁଣାକର ପ୍ରଧାନ, ବିଧାୟକ ପ୍ରତିନିଧି ନାଗେଶ ଚୌଧୁରୀ ଉପସ୍ଥିତ ଥିଲେ। ଏବିଡିଓ ପଦ୍ମନାଭ ତ୍ରିପାଠୀ, ନନ୍ଦପୁର ବ୍ଲକ ଯୋଗାଣ ଅଧିକାରୀ ହରିଶ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି କୁନ୍ଦୁରାରେ ୧୩୦୬ ଜଣଙ୍କୁ ଖାଉଟି କାର୍ଡ଼ ବାଣ୍ଟିଛନ୍ତି ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ। ବିଡିଓ ଶ୍ୱେତସ୍ନିଗ୍ଧା ପ୍ରଧାନ, ଏବିଡିଓ ମାଧୁରୀ ଆଚାରୀ, ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ଉପାଧକ୍ଷା ପଦ୍ମା ହରିଜନ, ଏମ୍‌ପି ପ୍ରତିନିଧି ବୃନ୍ଦାବନ ମଲ୍ଲିକ, ବିଧାୟକ ପ୍ରତିନିଧି ତ୍ରିପତି ଗୁରୁ, ଜିପିଇଓ ରାମପ୍ରସାଦ ଦୋରା, ଯୋଗାଣ ନିରୀକ୍ଷକ ବିଶ୍ୱଜିତ ଦାସ ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକରେ ଥିବା ୧୬ଟି ପଞ୍ଚାୟତ ଅସନାରେ ୧୦୯, ଦିଗାପୁରରେ ୧୮୯, ଡଙ୍ଗରପାଉଁଶିରେ ୧୪୯, ବାଗଡେରିରେ ୯୬, ବାଣୁଆଗୁଡ଼ାରେ ୧୦୧, ଭୁଶଙ୍ଗଗୁଡ଼ାରେ ୧୩୩, ଘୁମରରେ ୮୭, କେରିମିଟିରେ ୬୪, କୁନ୍ଦୁରାରେ ୧୭୧, ଲିମାରେ ୮୦, ମସିଗାଁରେ ୧୦୬, ରାଣୀଗୁଡ଼ାରେ ୫୧ ଜଣ ହିତାଧିକାରୀଙ୍କୁ ଏହି କାର୍ଡ଼ ମିଳିଛି।

ବୋରିଗୁମ୍ମାରେ ୩୧ଟି ପଞ୍ଚାୟତର ୭୭୦ ଜଣ ହିତାଧିକାରୀଙ୍କୁ କାର୍ଡ଼ ପ୍ରଦାନ କରାଯାଇଥିଲା। ବ୍ଲକ ବିଡିଓ ଯୋଗେନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଝିନ୍ନ ହିକ୍କା ଓ ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି ଏହି କାର୍ଡ଼ ବଣ୍ଟନ କରିଥିଲେ। ଅକ୍ଟୋବର ମାସରୁ ସେମାନେ ପ୍ରତ୍ୟେକ ମାସରେ ପାଞ୍ଚ କିଲୋ ଚାଉଳ କିଲୋ ୧ ଟଙ୍କା ହିସାବରେ ପାଇବେ ବୋଲି ଯୋଗାଣ ନିରୀକ୍ଷକ ନୃସିଂହ ଚରଣ ପଣ୍ଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ବିକାଶ ପରିଷଦ ଅଧକ୍ଷ କମଲୁ ଜାନୀ, ବ୍ଲକ ଅଧକ୍ଷା ବିମଳା ଚାଲାଣ, ଉପାଧକ୍ଷ ଜେ. ଶ୍ରୀନିବାସ ରାଓ, ଜେପି ଏଲ୍. ନାରାୟଣ ରାଓ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲା ବିଜେଡି

## ସରପଞ୍ଚଙ୍କ ବିରୋଧରେ ଦାବିପତ୍ର

**ଜୟପୁର,୩।୧୦(ନି.ପ୍ର.)**

ଜୟପୁର ବ୍ଲକ ବାରିଣିପୁଟ ସରପଞ୍ଚ ଦୁର୍ନୀତିଗ୍ରସ୍ତ ଥିବା ଅଭିଯୋଗ କରି ବୁଧବାର ପଞ୍ଚାୟତ ଘେରାଉ କରାଯିବା ସହ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି । ୧୦ ଦଫା ଦାବି ନେଇ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଏହି ପଞ୍ଚାୟତରେ ପଲ୍ଲୀସଭା କରି ନେତା ଚୟନ ହୋଇଥିଲେ ମଧ୍ୟ ମାସ ମାସ ଧରି କାର୍ଯ୍ୟାଦେଶ ଦିଆଯାଉନି। ଟଙ୍କା ନଦେଲେ କାର୍ଯ୍ୟାଦେଶ ଦିଆଯିବନି ବୋଲି ଧମକ ମିଳୁଛି। ସରପଞ୍ଚ ନିଜର ୫ଜଣ ଅନୁଗାମୀଙ୍କୁ ଏଭଳି କାର୍ଯ୍ୟରେ ଲଗାଇଛନ୍ତି। ସେହିପରି ପିଲାଙ୍କ ପାଠପଢ଼ା ଲାଗି ବାସିନ୍ଦା ପ୍ରମାଣପତ୍ର ସକାଶେ ୫ ଶହ ଟଙ୍କା ଦାବିକରି ହଇରାଣ କରାଯାଉଛି। ପେନସନ, ଘର, ଖାଉଟି, କାର୍ଡ ଚୟନ ବେଳେ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ କରାଯାଉଛି। ଏନେଇ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଖରାପ ବ୍ୟବହାର ମିଳୁଛି। ସେଥିଲାଗି ଏହାର ତଦନ୍ତ ପାଇଁ ଦାବିପତ୍ରର ନକଲ ଜିଲାପାଳଙ୍କୁ ଦିଆଯାଇଛି।

# ଖାଦ୍ୟ ସୁରକ୍ଷା ଯୋଜନାରେ ୧ ହଜାର ହିତାଧିକାରୀ ସାମିଲ

**ସେମିଳିଗୁଡା, ୩।୧୦(ସ୍ୱ.ପ୍ର.)**

ସେମିଳିଗୁଡା ବ୍ଲକ ଅଧୀନ ୧୭ଟି ଗ୍ରାମପଞ୍ଚାୟତର ଏକହଜାର ଜଣ ହିତାଧିକାରୀଙ୍କୁ ବୁଧବାର ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଦିନେଶ ଖରା, ଉପାଧକ୍ଷା ବାସନ୍ତିଚ୍ଛେଦ ନାୟକ, ବିଡିଓ ତ୍ରିନାଥ ମାଝି, ଯୋଗାଣ ନିରୀକ୍ଷକ ଗାୟତୀ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା ସସ୍ମିତା ହନ୍ତାଳ, ପାକଜଳଲା ସମିତିସଭ୍ୟ ଲକ୍ଷ୍ମଣ ପାଢୀ ଏବଂ ସରପଞ୍ଚ ଉପସ୍ଥିତ ଥିଲେ। ଏହି ଯୋଜନାରୁ କେହି ହିତାଧିକାରୀ ବାଦ୍ ପଡ଼ିବେ ନାହିଁ ବୋଲି ବିଡିଓ କହିଥିଲେ।


ସେମିଳିଗୁଡା କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀଙ୍କ ସହ ଅନ୍ୟମାନେ।

■ ପ୍ରଶାସନ ଆଗରେ ୫ ଦଫା ଦାବି ରଖିଲେ ୬ ପଞ୍ଚାୟତବାସୀ

# ସମାଧାନ ନ ହେଲେ ଭୋଟ୍ ବର୍ଜନ

**କୋରାପୁଟ,୩।୧୦(ସ୍ୱ.ପ୍ର.)**

କୋଲାବ ଜଳବିଦ୍ୟୁତ ପ୍ରକଳ୍ପ ଦ୍ୱାରା ବିଚ୍ଛିନ୍ନାଞ୍ଚଳ ହୋଇ ରହିଥିବା କୋରାପୁଟ ଜିଲା ଲମତାପୁଟ ଓ ସଦର ବ୍ଲକ ୬ଟି ପଞ୍ଚାୟତର ଜନସାଧାରଣ ୫ ଦଫା ଦାବି ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାର୍ଯ୍ୟାଳୟ ଆଗରେ ଧାରଣା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ନିମାଇଁ ସରକାର, କଂଗ୍ରେସ କାର୍ଯ୍ୟକାରୀ ସଭାପତି ରୁପକ ତୁରୁକ, ଯୁବନେତା ଶିଶିର ମାଦଲା, ପ୍ରମୋଦ ବାଘ ଏଥିରେ ସାମିଲ ଥିଲେ। ସେହିପରି ଲମତାପୁଟ ବ୍ଲକ ଟିକରପଡ଼ା, କୁମାର ଗନ୍ଧଣା, ଉମ୍ବେଲ, ବନମାଳିପୁଟ, କୋରାପୁଟ ବ୍ଲକ ଶୁକୁ ପଞ୍ଚାୟତ ସମେତ ଦୁଇଟି ପଞ୍ଚାୟତର ହଜାର ହଜାର ଗ୍ରାମବାସୀ ସିନ୍ଧିପୁଟ ନଦୀଘାଟରେ ବ୍ରିଜ ନିର୍ମାଣ ଦାବି କରିଛନ୍ତି। ଏଥିପାଇଁ ସିଆରଏଫ ଫଣ୍ଡରୁ ଅର୍ଥ ବରାଦ, କେକେ ରେଳ ଲାଇନରେ ପୁସିଂ ବ୍ରିଜ ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ରେଳ ବିଭାଗକୁ ହସ୍ତାନ୍ତର କରବା, ଦେଉଳା ନିକଟସ୍ଥ କୋଲାବ ଜଳଭଣ୍ଡାରରେ ବ୍ରିଜ ନିର୍ମାଣ, ଡ୍ୟାମ୍‌ର ୧୭ଟି ଘାଟରେ ଯନ୍ତ୍ରଚାଳିତ ଡଙ୍ଗା ଦାବି କରାଯାଇଛି। ନଚେତ ଅଞ୍ଚଳବାସୀର ଧର୍ମଘଟ ସହ ନିର୍ବାଚନ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଜିଲାପାଳ ଏ ଦିଗରେ ସମାଧାନ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ୬ ପଞ୍ଚାୟତର ବାସିନ୍ଦା।

# ସ୍ମୃତିପଟ୍ଟରେ ଝଲସିଲେ ଦୁଇ ମହାପୁରୁଷ

## ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

**କୋରାପୁଟ/ସେମିଳିଗୁଡ଼ା/ଜୟପୁର/ବୈପାରୀଗୁଡ଼ା,୩।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ କୋରାପୁଟ ସ୍ଥିତ ଗାନ୍ଧୀ ଉଦ୍ୟାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅତିଥି ଭାବେ ଯୋଗଦେଇ କହିଥିଲେ, ଅହିଂସା ଦ୍ୱାରା ଯେ କୌଣସି କାର୍ଯ୍ୟ ହାସଲ ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ଦ୍ଦେଶକ ଦେବେନ ପ୍ରଧାନ, କୋଟସର ପ୍ରାଧ୍ୟାପକ ଡ. ଜଗବନ୍ଧୁ ସାମଲ, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ପୌରପରିଷଦ ଅଧକ୍ଷ ଭଗବାନ ବାହିନୀପତି, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ, ସ୍ମାରକୀ କମିଟି ସଭ୍ୟ ରାମପ୍ରସାଦ ଶର୍ମା, ରାଜ କିଶୋର ସାମନ୍ତରାୟ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରେ ଜିଲାପାଳ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ଅରବିନ୍ଦ ପାଠାଗାରରେ ଅନୁଷ୍ଠିତ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଅଧକ୍ଷା ଶୁଭଶ୍ରୀ ମଲ୍ଲିକ, କୃଷ୍ଣ ସିଂ ଏବଂ ଦ୍ୱିତୀୟ ଅଧିବେଶନରେ ସୁନାବେଡ଼ା ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱସ୍ତିକ ଜମାଦାର, ସାମ୍ବାଦିକ ଅଜୟ ସାହୁ, ଅଧ୍ୟାପକ ପ୍ରକାଶ ପ୍ରଧାନ, ଅଧ୍ୟାପକ କାହ୍ନୁଚରଣ ବରାଡ଼ ଯୋଗ ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ରାଲି ହୋଇଥିଲା। ତୃତୀୟ ଅଧିବେଶନରେ ଅତିଥି ଭାବେ ଅଧ୍ୟାପକ ଡ. ଚିତ୍ତରଞ୍ଜନ ମିଶ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଗିରିଧର ମହନ୍ତ, ଅଧ୍ୟାପକ ଜୟନ୍ତ ସ୍ୱାଇଁ, ଡ. ଗୀତା ପଟ୍ଟନାୟକ ଯୋଗ ଦେଇଥିଲେ। ପାଠାଗାର ସମ୍ପାଦିକା ଡ. ଝାନ୍‌ସି ସିଂ ସଭାକାର୍ଯ୍ୟ ପରିଚାଳନା ଓ ଶେଷରେ ଅଧ୍ୟାପକ ସୌମେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଜୟପୁର ସ୍ଥିତ ଜଗଦିଶଚନ୍ଦ୍ର ନାୟକ ପୌର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ତ୍ରିନାଥ ପଟ୍ଟନାୟକଙ୍କ ଅଧକ୍ଷତାରେ ଦୁଇ ମହାତ୍ମାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରମାନେ ଜଗନ୍ନାଥ ଓ ମା ଭଗବତୀଙ୍କ ମନ୍ଦିର ସଫେଇ କରିବା ସହ ଶୋଭାଯାତ୍ରାରେ ଯାଇଥିଲେ। କ୍ରୀଡ଼ା ଶିକ୍ଷକ ବାସୁଦେବ ସେନାପତି ଓ ଏନ୍‌ସିସି ଶିକ୍ଷକ ମହମ୍ମଦ ସରିଫ୍‌ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

ବୈପାରୀଗୁଡ଼ାରେ ଶହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟ, ଯୁକ୍ତ ୨ ମହାବିଦ୍ୟାଳ ଓ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କ ସମେତ ବିଏସ୍‌ଏଫ୍ ଯବାନ ଓ ଗୌଡ଼ସାହିର ଯୁବ ସ୍ୱେଚ୍ଛାସେବୀ ମେଡିକାଲ, ମୁଖ୍ୟରାସ୍ତା, ଶିକ୍ଷାନୁଷ୍ଠାନ ପରିସର ସଫେଇ କରିଥିଲେ। ନେହେରୁ ଯୁବକେନ୍ଦ୍ର କୋରାପୁଟ ଓ ମାଳିଗୁଡା ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଯୁକ୍ତ ୨ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା। ବକ୍ତୃତାରେ ମୋନାଲିସା ପାତ୍ର, ଜ୍ଞାନଶ୍ରୀ ସାହୁ ଓ ପ୍ରିୟଙ୍କା ଡାକୁଆ ଏବଂ ଚିତ୍ରକଳାରେ ସୁଶିଲ ହରିଜନ, ନରସିଂ ବଦାପୁଟିଆ ଓ ରଘୁନାଥ ଗୌଡ଼ ପୁରସ୍କୃତ ହୋଇଥିଲେ। ଅଧକ୍ଷ କୁମୁନ୍ଦ ରଞ୍ଜନ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ରାଜମ୍ ଭୂତେସ ପାଇଡି, ମାଳିଗୁଡ଼ା ଯୁବସଂଘର ସଭାପତି ଭବାନି ମାଳି, ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ପି. ସତିଶ୍ ଓ ଲୁସି ବେହେରା ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ରାୟଗଡା, ଗୁରୁବାର, ୪ ଅକ୍ଟୋବର,୨୦୧୮



## ସଂକ୍ଷେପରେ

### ଚର୍ଚ୍ଚ, ପୂଜାମଣ୍ଡପ ଉଦ୍‌ଘାଟିତ



ପାରଳାଖେମୁଣ୍ଡି, ୩।୧୦(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ସହରର ବଡବ୍ରାହ୍ମଣ ସାହି ଛକରେ ବୁଧବାର ଏକ ନୂତନ ପୂଜା ମଣ୍ଡପ ଗୃହ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଧାୟକ କେ.ସୂରିୟା ରାଓ ଯୋଗଦେଇ ଏହି ପୂଜା ମଣ୍ଡପ ଗୃହକୁ ଉଦଘାଟନ କରିଥିଲେ। ବିଧାୟକ ପାଣ୍ଠିରୁ ମଞ୍ଜୁର ହୋଇଥିବା ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୂଜା ମଣ୍ଡପ ଗୃହ ନିର୍ମାଣ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୟ ଅଧିକାରୀ, କେ.ରାମସ୍ୱାମୀ, ବିଭୂତି ନାୟକ, କୃଷ୍ଣ ବେହେରା, ତିରୁପତି ପାତ୍ରଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ସେହିପରି ଗୁମ୍ମା ବ୍ଲକର କୁମୁଳସିଂ ଗ୍ରାମରେ ଏକ ନୂତନ ଚର୍ଚ୍ଚ ଉଦଘାଟିତ ହୋଇଛି । ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ ଏବଂ ବରିଷ୍ଠ କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ ଯୋଗଦେଇ ଚର୍ଚ୍ଚକୁ ଉଦଘାଟନ କରିଛନ୍ତି। ୯ଲକ୍ଷ ୯୦ହଜାର ଟଙ୍କା ବ୍ୟୟ ଅଟକଳରେ ଚର୍ଚ୍ଚ ନିର୍ମାଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜି.ତିରୁପତି ରାଓ, ଜିଲା ପରିଷଦ ସଭ୍ୟ ହିମାଂଶୁ ଲିମା, କୁଶ ବେହେରା, ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଓଭରଲୋଡିଂ ଟ୍ରାକ୍ଟର ଲାଗି ଛିଡ଼ିଲା ତାର

ପାରଳାଖେମୁଣ୍ଡି, ୩।୧୦ (ସ୍ୱ.ପ୍ର.) ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଗାନ୍ଧୀ ଛକରେ ବୁଧବାର ଏକ ଓଭରଲୋଡିଂ ଟ୍ରାକ୍ଟର (ନଂ. ଓଡି୨୦ ୫୯୭୮) ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ କିଛି ତାର ଛିଡି ପଡ଼ିଥିଲା। ଫଳରେ ବିଦ୍ୟୁତ ବିଭ୍ରାଟ ଦେଖାଦେଇଥିଲା । ଏହାକୁ ନେଇ ଅଞ୍ଚଳବାସୀ ଉତ୍ତେଜିତ ହୋଇ ଟ୍ରାକ୍ଟରକୁ ଅଟକାଇ ପାରଳାଖେମୁଣ୍ଡି ଥାନାକୁ ଖବର ଦେଇଥିଲେ। ଟ୍ରାକ୍ଟରଟି ୪ମାଇଲ ଛକରୁ ଟେବୁଲ ବେଞ୍ଚ ଇତ୍ୟାଦି ବୋଝେଇ କରି ପାରଳାଖେମୁଣ୍ଡିସ୍ଥିତ ଏକ ଘରୋଇ ସ୍କୁଲକୁ ଯାଉଥିଲା । ଏଥିରେ ୨୦ରୁ ଊର୍ଦ୍ଧ୍ୱ ପିଲା ବସିଥିବା ଜଣାପଡ଼ିଥିଲା। ଥାନା ଏଏସ୍ଆଇ ଭୋଳାନାଥ ପଣ୍ଡା ସଦଳବଳ ପହଞ୍ଚି ଅନୁସନ୍ଧାନ କରିଥିବାବେଳେ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଠିକ ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

### ପାୱାର ହାଉସ ନିକଟରେ ବାଣ ଗୋଦାମ



ପାରଳାଖେମୁଣ୍ଡି, ୩।୧୦(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ସହରର ସୁବାଷ ନଗର ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ପାୱାର ହାଉସ୍ ନିକଟରେ ଏକ ବାଣ ଗୋଦାମ ଖୋଲାଯାଇଛି। ଏଭଳି ସ୍ଥାନରେ ବାଣ ଗୋଦାମ ଖୋଲାଯିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାୱାର୍ ହାଉସ୍ ନିକଟରେ ବାଣ ଗୋଦାମ ପାଇଁ କିପରି ଅନୁମତି ମିଳିଛି ତାହା ପ୍ରଶ୍ନବାଚୀ ହୋଇଛି। ଏ ସମ୍ପର୍କରେ ସାଉଥକୋ ପାରଳାଖେମୁଣ୍ଡି ଡିଭିଜନର ସହକାରୀ ଯନ୍ତ୍ରୀ ଅଭିଷେକ ରଥଙ୍କୁ ପଚାରିବାରୁ କିଛି ଜାଣିନଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ରାସ୍ତାରେ ବାଲି, ଚିପ୍ସ ଗଦା ହେବା ଯୋଗୁ ଗମନାଗମନରେ ସମସ୍ୟା ସୃଷ୍ଟି ହେଉଛି । ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

■ ସ୍କୁଲ ପରିବର୍ତ୍ତନ ସହ ନାନା ସମସ୍ୟା ନେଇ ଅସନ୍ତୋଷ

# ପଢ଼ା ଛାଡ଼ି ଚାଲିଯିବେ କେଜିବିଭିର ୧୦୦ ଛାତ୍ରୀ

କାଶୀନଗର, ୩।୧୦(ଡି.ଏନ.ଏ)

ସ୍କୁଲ ପରିବର୍ତ୍ତନ ସହ ନାନା ସମସ୍ୟା ନେଇ ଗଜପତି ଜିଲା କାଶୀନଗରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ର ଛାତ୍ରୀନିବାସର ଅନ୍ତେବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ହଷ୍ଟେଲରେ ରହୁଥିବା ୧୦୦ଜଣ ଆଦିବାସୀ ଛାତ୍ରୀ ପାଠପଢା ଛାଡ଼ି ଘରକୁ ଫେରିଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅଭିଭାବକମାନେ ମଧ ପିଲାଙ୍କୁ ନେଇଯିବେ ବୋଲି ଅଡ଼ିବସିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ବ୍ଲକ କଲୋନୀ ଉପ୍ରା ବିଦ୍ୟାଳୟ ଏବେ ବାରାଣସୀ ହାଇସ୍କୁଲରେ ମିଶିଯାଇଛି। ଏହି ଦୁଇ ସ୍କୁଲର ପ୍ରଶାସନିକ ମିଶ୍ରଣ ଘଟିଥିଲେ କିଛି ଅସୁବିଧା ନ ଥିଲା। ମାତ୍ର ସମ୍ପୂର୍ଣ୍ଣ ଭାବେ ମିଶ୍ରଣକୁ ଅଭିଭାବକମାନେ ବିରୋଧ କରୁଛନ୍ତି। ଏ ନେଇ ଜିଲାପାଳଙ୍କୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଅଭିଭାବକମାନେ କ୍ଷୁବ୍ଧ ହୋଇ ଏହା ପଛରେ କିଛି ଷଡଯନ୍ତ୍ର ରହିଛି ବୋଲି କହିଛନ୍ତି। ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି ଯେ, ବାରାଣସୀ ସରକାରୀ ହାଇସ୍କୁଲରେ ଅତି ନିମ୍ନମାନର ଖାଦ୍ୟ ମିଳୁଛି। ଯାହା ଖାଇବା ଉପଯୋଗୀ



ଛାତ୍ରୀନିବାସ ସମ୍ମୁଖରେ ଅଭିଭାବକମାନେ।

■ଆନ୍ଦୋଳନ ଚେତାବନୀ ଦେଲେ ଅଭିଭାବକ
■ ପିଲାଙ୍କୁ ଘରକୁ ନେଇଯିବା ପାଇଁ ଅଡ଼ିବସିଲେ

ନୁହେଁ। ସ୍ଥାନାଭାବ ଯୋଗୁ ଅପରିଷ୍କାର ସ୍ଥାନରେ ଗଛମୂଳେ ବସି ଖାଇବାକୁ ପଡୁଛି। ଶ୍ରେଣୀଗୃହରେ ମଧ ତଳେ ବସିବାକୁ କୁହାଯାଉଛି। ପୁଣି ପାଇଖାନା ଓ ପରିଶ୍ରାଗାରର ସୁବିଧା ନଥିବାରୁ ସେମାନଙ୍କୁ ବାହାରକୁ ଯିବାକୁ ପଡୁଛି। ଷଷ୍ଠ ଓ ସପ୍ତମଶ୍ରେଣୀର ଛାତ୍ରୀମାନେ ପ୍ରତିଦିନ ଖରା ଓ ବର୍ଷାରେ ହଷ୍ଟେଲଠାରୁ ଦୂରରେ ଥିବା ହାଇସ୍କୁଲକୁ ରାସ୍ତା ପାରିହୋଇ ଯାଉଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରେ ଲାଗିଛି। ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ତେଲୁଗୁ ଭାଷାରେ କଥା ହେଉଥିବାରୁ ସେମାନଙ୍କୁ ସମସ୍ୟା ଜଣାଇ ହେଉନାହିଁ। ହାଇସ୍କୁଲ ଯିବାକୁ ଭୟ ଲାଗୁଛି। ତେଣୁ ଛାତ୍ରୀମାନେ ପାଠପଢା ଛାଡ଼ି ଘରକୁ ଫେରିଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଅଭିଭାବକମାନଙ୍କ କହିବାନୁଯାୟୀ, ଆମ ପିଲାମାନେ ବାରାଣସୀ ହାଇସ୍କୁଲକୁ ଯିବେନାହିଁ। ସେଠାରେ ସେମାନେ ନିଜକୁ ନିରାପଦ ଓ ସହଜ ମଣୁନାହାନ୍ତି। ପିଲାମାନଙ୍କ ନିରାପତ୍ତା ବିପନ୍ନ ହେଉଛି। ଯିବା ଆସିବା, ମଧ୍ୟାହ୍ନଭୋଜନ ଖାଇବା ଓ ଆହୁରି ଅନେକ କ୍ଷେତ୍ରରେ ଅସୁବିଧା ଭୋଗିବାକୁ ପଡୁଛି। ତେଣୁ ବୁଧବାର ଛାତ୍ରୀମାନେ ସ୍କୁଲକୁ ନ ଯାଇ ହଷ୍ଟେଲରେ ରହିଛନ୍ତି। ଅଭିଭାବକମାନେ କାଶୀନଗର ଆସି ନିଜର ଓ ପିଲାମାନଙ୍କ ନିଷ୍ପତ୍ତି ସମ୍ପର୍କରେ ବିଇଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବ୍ଲକ କଲୋନୀ ଉପ୍ରା ବିଦ୍ୟାଳୟ ଓ ତାକୁ ଲାଗିରହିଥିବା କେଜିବିଭି ହଷ୍ଟେଲ ଉକ୍ତ ହାଇସ୍କୁଲଠାରୁ ୧୦୦ମିଟର ଦୂରରେ ଥିବା କିଏ ରିପୋର୍ଟ ଦେଲେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ଅଧିକାରୀ ନିଜର ସ୍ୱାର୍ଥ ପାଇଁ ଏଭଳି ମିଛ ରିପୋର୍ଟ ଦେଇଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଯଦି ବ୍ଲକ କଲୋନୀ ଉପ୍ରା ବିଦ୍ୟାଳୟରେ ପୁଣି ନିଜ ପିଲାମାନଙ୍କୁ ପଢିବାର ସୁଯୋଗ ନ ମିଳେ ତେବେ ସେମାନଙ୍କୁ ଘରକୁ ନେଇଯିବେ ବୋଲି ସ୍ଥିର କରିଛନ୍ତି। ଏହାପରେ ସମ୍ପୃକ୍ତ ଅଧିକାରୀ, ହାଇସ୍କୁଲ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସେମାନେ ଚେତାବନୀ ଦେଇଛନ୍ତି।

■ଗଜପତି ଜିଲାରେ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ

# ୩୫ହଜାର ୨୩୦ହିତାଧିକାରୀ ପାଇବେ ଚାଉଳ


କାର୍ଯ୍ୟକ୍ରମରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ସହ ଲୋକପ୍ରତିନିଧିମାନେ।

ପାରଳାଖେମୁଣ୍ଡି, ୩।୧୦(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ମଙ୍ଗଳବାର ଜିଲାସ୍ତରୀୟ ଖାଦ୍ୟ ସୁରକ୍ଷା ଯୋଜନା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ଶାହା, ବିଧାୟକ କେ.ସୂରିୟା ରାଓ, ଜିଲାପରିଷଦ ଅଧ୍ୟକ୍ଷା ଅନୀତାରାଣୀ ବେହେରା, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ । ଗରିବୀ ଦୂର କରିବା ସହ ସମସ୍ତ ଗରିବ ପରିବାରକୁ ଖାଦ୍ୟ ଯୋଗାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ଜିଲାପାଳ କହିଥିଲେ। ଏହି ଯୋଜନା ଦ୍ୱାରା ପରିବାରର ପ୍ରତି ସଦସ୍ୟଙ୍କୁ କେଜି ପିଛା ଏକ ଟଙ୍କା ହିସାବରେ ୫କିଲୋ ଚାଉଳ ଯୋଗାଇ ଦିଆଯିବ। ଏହି ଯୋଜନାରୁ ଯେପରି କୌଣସି ଗରିବ ପରିବାର ବାଦ୍ ନ ପଡନ୍ତି ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଦରକାର ବୋଲି କୁହାଯାଇଥିଲା। ଗଜପତି ଜିଲାରେ ଏହି ଯୋଜନାରେ ସାମିଲ ହେବାକୁ ମୋଟ ୫୬ହଜାର ୧୭୪ଟି ଦରଖାସ୍ତ ଆସିଥିଲା। ୩୫ହଜାର ୨୩୦ଜଣ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡରେ ୫କିଲୋ ଚାଉଳ ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ତନ୍ମଧ୍ୟରୁ ୨୭ହଜାର ୩୩୪ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୮ହଜାର ୫୫୭ଜଣଙ୍କୁ ନୂତନ ରାଶନ କାର୍ଡ ଯୋଗାଇଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିରେନ୍ଦ୍ର କର୍କରା, ଜିଲାପରିଷଦ ଉପାଧ୍ୟକ୍ଷ ଆର୍.ବିଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଷାଣିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରା ଗାଁ ପରିକ୍ରମା କରୁଛି।

ଗୋଷାଣି, ୩।୧୦(ଡି.ଏନ.ଏ)

ଗଜପତି ଜିଲା ଗୋଷାଣି ବ୍ଲକରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ରମ୍ଭାଠାରୁ ବାହାରି ସାବରା ଦେଇ ଲିଙ୍ଗିପୁରରେ ଶେଷ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ କେ. ନାରାୟଣ ରାଓ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷା କେ.ତାରକେଶ୍ୱରୀଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ। କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

### ଗାନ୍ଧୀ ଜୟନ୍ତୀ ପାଳିତ

ଗୁଡାରୀ ୩।୧୦ (ଡି.ଏନ୍.ଏ.)

ଗୁଡାରୀର ବିଭିନ୍ନ ଶିକ୍ଷାନୁଷ୍ଠାନ, ସଙ୍ଗଠନ ଓ କାର୍ଯ୍ୟାଳୟ ତରଫରୁ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉପରେ ସମିତି ଅଧ୍ୟକ୍ଷା ଶାନ୍ତି ଦାପାରାଙ୍ଗୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଡିଓ ଲୁକାସ ପ୍ରଧାନ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଗାୟତ୍ରୀ ଦେବୀସାହ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ସଂଘ କର୍ମୀମାନେ ଉପସ୍ଥିତ ଥିଲେ। ୟୁନିୟନ ସଭାପତି ରମାଦେବୀ ବାଉରୀ ଏବଂ ଭାନୁମତୀ ବସ୍ତରାଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଉପଢୌକନ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଡାରୀ ରାଜସ୍ୱ ନିରୀକ୍ଷକ ଅନିଲ କୁମାର ନାୟକ ଯୋଗଦେଇ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ସରକାରୀ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

■ଛାତ୍ର ସଂସଦ ନିର୍ବାଚନ ୧୧ରେ

# ସରିଲା ପ୍ରାର୍ଥୀପତ୍ର ଦାଖଲ

ପାରଳାଖେମୁଣ୍ଡି/କାଶୀନଗର, ୩।୧୦(ସ୍ୱ.ପ୍ର./ଡି.ଏନ.ଏ.)–

ରାଜ୍ୟର ବିଭିନ୍ନ କଲେଜରେ ଆସନ୍ତା ୧୧ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବ। ଏଥିପାଇଁ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ପ୍ରାର୍ଥୀପତ୍ର ଦାଖଲ ପ୍ରକିୟା ଶେଷ ହୋଇଛି । ସଭାପତି ଓ ସମ୍ପାଦକ ପଦ ପାଇଁ ୬ଜଣ ଲେଖାଏ ଏବଂ ଉପସଭାପତି ପଦ ପାଇଁ ଜଣେ ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ସମସ୍ତ ପ୍ରାର୍ଥୀଙ୍କର କଲେଜରେ ଉପସ୍ଥାନ, ପୋଲିସ ରେକର୍ଡ ଇତ୍ୟାଦି ବିଭିନ୍ନ ବିଷୟ ଅନୁଧ୍ୟାନ କରାଯିବା ପରେ ଗୁରୁବାର ମଧ୍ୟାହ୍ନ ସମୟରେ କଲେଜ ନିର୍ବାଚନ ପରିଚାଳନା କମିଟି ପକ୍ଷରୁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଅଧାପକ ଡ. ଅଜୟ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଛାତ୍ର ସଂସଦ ନିର୍ବଚନ ପାଇଁ ପ୍ରାଧାପକ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ସେହିପରି କାଶୀନଗରସ୍ଥ ଶ୍ରୀରାମ ଡିଗ୍ରୀ କଲେଜରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ସଭାପତି ପଦ ପାଇଁ ନରେଶ ମିଶାଲ ଓ କାନିଆତ ଭୂୟାଁ, ସମ୍ପାଦକ ପଦ ନିମନ୍ତେ ଶେଷିକୁମାର ପଟ୍ଟାଙ୍ଗି ଓ ମାପି ବଚ୍ଚନ ଗମାଙ୍ଗ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସହ ସମ୍ପାଦକ ପଦ ନିମନ୍ତେ ରକ୍ସମ ଭାର୍ଗବ, କ୍ରୀଡ଼ା ସମ୍ପାଦକ ପଦ ପାଇଁ ସନ୍ତୋଷ ନାରାୟଣ, ନାଟ୍ୟ ସଂସଦ ସମ୍ପାଦକ ପଦ ଲାଗି ସାନ୍ଦକା ହରିନାଥ, ସହକାରୀ ନାଟ୍ୟ ସଂସଦ ସମ୍ପାଦକ ଭାବେ ଆର୍. ପୁଷ୍ପା, ଡିଏସ୍ଏ ସମ୍ପାଦକ ପଦ ସକାଶେ ଜି. ଦୀନବନ୍ଧୁ ଏବଂ ମେସପଟନିଆ ରଇତ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଜିଲାର ଅନ୍ୟ କେତେକ କଲେଜରେ ମଧ ପ୍ରାର୍ଥୀପତ୍ର ଦାଖଲ ସରିଛି । କ୍ୟାମ୍ପସଗୁଡ଼ିକ ଅଧିକ ଚଳାଚଞ୍ଚଳ ହୋଇଉଠିଛି।

**କ୍ୟାମ୍ପସ ପରିବେଶ ଉଷ୍ମ**

# କୃଷି କଲ୍ୟାଣ ଅଭିଯାନର ଶୁଭାରମ୍ଭ

ପାରଳାଖେମୁଣ୍ଡି, ୩।୧୦(ସ୍ୱ.ପ୍ର.)

ଗଜପତି ଜିଲା ଆର୍.ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ କୃଷି କଲ୍ୟାଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ତଥା ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର୍.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ନାୟକ ଯୋଗଦେଇ ଏହି ଅଭିଯାନର ଉଦ୍ଦେଶ୍ୟ ବିଷୟରେ କହିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଂଗ୍ରାମ ପରମଗୁରୁ, ମହେନ୍ଦ୍ରତନୟା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଭାରତୀ ମିଶ୍ର, ଏସ୍.ଏସ୍.ଡି. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁକାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

। ସ୍ୱଚ୍ଛତା ହିଁ ସେବା ବିଷୟରେ ସଚେତନତା କରାଯାଇଥିଲା । ଅକ୍ଟୋବର ୨ରୁ ଡିସେମ୍ବର ୨୫ ପର୍ଯ୍ୟନ୍ତ ଜିଲାର ୨୫ଟି ଗ୍ରାମରେ ହେବାକୁ ଥିବା କୃଷି କଲ୍ୟାଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରାଯାଇଛି । ସ୍ୱଚ୍ଛତା ହିଁ ସେବା ସଂକ୍ରାନ୍ତ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ଚିତ୍ରାଙ୍କନ, ପ୍ରବନ୍ଧ ଇତ୍ୟାଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ କେଭିକେର ଉଦ୍ୟାନ କୃଷି ବୈଜ୍ଞାନିକ ରଶ୍ମିତା ଟୋପୋ, କ୍ଷେତ୍ର ବିଜ୍ଞାନୀ ସଞ୍ଜିତ ମାଣ୍ଡି ଓ ବନାନୀ ବେହେରା ପରିଚାଳନା କରିଥିଲେ ।

# ରାଜ୍ୟ ସରକାରଙ୍କୁ ଭାଜପାର ସମାଲୋଚନା

ପାରଳାଖେମୁଣ୍ଡି, ୩।୧୦(ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ନେଇ ବୁଧବାର ଗଜପତି ଜିଲା ଭାଜପା ପକ୍ଷରୁ ପାରଳାଖେମୁଣ୍ଡିଠାରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଶ୍ରୀସଇଲମ୍ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଭାଜପା ନେତୃବୃନ୍ଦ। ଦଳର ବରିଷ୍ଠ ନେତା ସିଦ୍ଧେଶ୍ୱର ମିଶ୍ର


ସଚେତନତା ରଥର ଶୁଭାରମ୍ଭ ଅବସରରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଏକ ଭଲ ସ୍ୱାସ୍ଥ୍ୟବୀମା ଯୋଜନା। ଏହାର ଲାଭ ଓଡିଶାର ଲୋକେ ପାଇଲେ କାଳେ ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜିତାଇଦେବେ ସେହି ଭୟରେ ରାଜ୍ୟ ସରକାର ଏହି ଯୋଜନା ପରିବର୍ତ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଛନ୍ତି । ଆୟୁଷ୍ମାନ ଭାରତ ଏକ ବୀମାଭିତ୍ତିକ ଯୋଜନା ହୋଇଥିବାବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ହେଉଛି ଆସ୍ୟୁରାନ୍ସଭିତ୍ତିକ ଯୋଜନା। ଓଡ଼ିଶାରେ ଆୟୁଷ୍ମାନ ଯୋଜନା ଲାଗୁ ନ କରିବା ରାଜ୍ୟ ସରକାରଙ୍କ ଏକ ହୀନ ରାଜନୈତିକ ମାନସିକତାର ପ୍ରତିଫଳନ। ଉକ୍ତ ଦୁଇ ଯୋଜନାର ସାମଞ୍ଜସ୍ୟ ଓ କେଉଁଟା ଅଧିକ ଲାଭଦାୟକ ସେନେଇ ମିଶ୍ର ବୁଝାଇଥିଲେ। ଖବରଦାତା ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ, ଶ୍ୟାମ ପାଣିଗ୍ରାହୀ, ଅରୁଣିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।





ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡି ଆସୁଛି, ସେତେବେଳେ ଭଗବାନଙ୍କୁ ରଡ଼ିଛାଡ଼ି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟ ଅଭିଯୋଗ, ସ୍ୱାମୀ ଗିରଫ

**ଗୁଣପୁର,୩।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଗୋଠଲବଦର ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଏବଂ ଶାଶୁ ବିଷ ପିଆଇ ହତ୍ୟା କରିଥିବା ମଙ୍ଗଳବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ବୁଧବାର ଅଭିଯୁକ୍ତ ସ୍ୱାମୀ ଗୋବର୍ଦ୍ଧନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ୨୦୧୫ରେ ଗୋବର୍ଦ୍ଧନ ବିଷମକଟକ ଇନ୍ଦିରା କଲୋନୀର ନବୀନ ବେହେରାଙ୍କ ଝିଅ କୁନିଙ୍କୁ ବିବାହ କରିଥିଲେ। ବିବାହ ପରେ ପରିବାରରେ ବିଭିନ୍ନ ସମୟରେ ଅଶାନ୍ତି ଲାଗି ରହିଥିଲା। ମଙ୍ଗଳବାର କୁନି ବାପାଘରକୁ ଯିବାକୁ ବାହାରିଥିଲେ। ଗୋବର୍ଦ୍ଧନ ତାଙ୍କୁ ବାଟରୁ ଫେରାଇ ନେଇଥିଲେ। କିଛି ସମୟ ପରେ କୁନି କୀଟ ନାଶକ ପିଇ ମୃତ୍ୟୁ ହୋଇଥିବା ଖବର ମିଳିଥିଲା। କୁନିଙ୍କ ପରିବାର ଲୋକେ ଝିଅଙ୍କୁ ହତ୍ୟା କରାଯାଇଥିବା ଗୁଣପୁର ଥାନାରେ ଅଭିଯୋଗ କରିଥିଲେ।

### ଚୋରି ଅଭିଯୋଗରେ ୨ ନାବାଳକ ଗିରଫ

**ଟିକିରି, ୩।୧୦(ଡି.ଏନ୍.ଏ.):** ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପୋଲିସ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୨ଜଣ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନଙ୍କଠାରୁ ୧୦ଟି ମୋବାଇଲ୍ ଫୋନ ଓ ୧୦ଟି ସାଇକେଲ ଜବତ କରାଯାଇଛି। ଗତ ୨୮ରେ ଟିକିରି ଅଞ୍ଚଳର ଏକ ମୋବାଇଲ୍ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି ବୁଧବାର ଦୁଇଜଣଙ୍କୁ ଗିରଫ କରିଛି। ଟିକିରି ଥାନାଧିକାରୀ ସୁଙ୍କାନୀ ସାହୁଙ୍କ ନିର୍ଦ୍ଦେଶରେ ଏସ୍ଆଇ ସୁଦର୍ଶନ ଅଧିକାରୀ ଏହାର ତଦନ୍ତ କରୁଥିଲେ।

### ୨ ବାଇକ୍ ମୁହାଁମୁହିଁ ଧକ୍କା ୧ ମୃତ, ୩ ଗୁରୁତର

**କାଶୀପୁର, ୩।୧୦(ଡି.ଏନ୍.ଏ.):** ରାୟଗଡା ଜିଲା କାଶୀପୁର ବ୍ଲକ ନକଟିଗୁଡା ମନ୍ଦିର ନିକଟରେ ବୁଧବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଯାଇଛି ସେ ହେଲେ ନକାଟୁହାଁ ଗ୍ରାମର କିଶୋର ମାଝି। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ଆହାତମାନେ ହେଲେ କାଶୀପୁରର ସୁନିଲ ମାଝି , ରୋହିତ ନାଏକ ଓ ମାଣ୍ଡିବିଶୀ ଗ୍ରାମର ବିକାସ ଗୌଡ। ସ୍ଥାନୀୟ ଲୋକେ ଆହାତଙ୍କୁ ଉଦ୍ଧାରକରି କାଶୀପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ସରିଲା ଝାମି ଯାତ୍ରା

**ଅମ୍ବାଦଳା, ୩।୧୦ (ଡି.ଏନ୍.ଏ.):** ମୁନିଗୁଡା ପଞ୍ଚାୟତ ସମିତି ଅଧୀନ ଅମ୍ବାଦଳାରେ ମଙ୍ଗଳବାର ଝାମି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ୧୨ଦିନ ଧରି ଗ୍ରାମର ବାଲି ସାହି ଓ ଗୌଡ ସାହିରେ ପାଳିତ ହୋଇଥିଲା। ବାଲି ସାହିରେ ରାମକୃଷ୍ଣ ପ୍ରଧାନି ଓ ଗୌଡ ସାହିରେ ମନୋଜ ପୂଜାରୀ ପୂଜା କାର୍ଯ୍ୟ ତୁଲାଇଥିଲେ। ମାନସିକଧାରୀମାନେ ନଡିଆ, ଛେଳି, କୁକୁଡା ପାରା ଆଦିଙ୍କୁ ପୂଜା କରିଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### କଂଗ୍ରେସ ତରଫରୁ ଗାନ୍ଧୀ ଜୟନ୍ତୀ ପାଳିତ

**ଅମ୍ବାଦଳା, ୩।୧୦(ଡି.ଏନ୍.ଏ.):** ସ୍ଥାନୀୟ ପାଇକସାହି ରାଧାକୃଷ୍ଣ ମନ୍ଦିରରେ ମୁନିଗୁଡା କଂଗ୍ରେସର 'କ' ଜୋନ୍ ସଭାପତି ରାମପ୍ରକାଶ କରକରିଆଙ୍କ ନେତୃତ୍ୱରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ବୀଣାପାଣି ସାହୁକାର, ଜିଲା କଂଗ୍ରେସ ଉପସଭାପତି ପଞ୍ଚାନନ କରକରିଆ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବୁଥ୍ସ୍ତରରୁ ଦଳକୁ ମଜଭୁତ କରିବାକୁ ଅତିଥିମାନେ ମତ ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ଜନନୀ ପ୍ରାସ୍କା, ସମିତି ସଭ୍ୟା ଅର୍ଣ୍ଣ ପାତ୍ର ଯୋଗ ଦେଇଥିଲେ। ଅମ୍ବାଦଳା ଶାନ୍ତି ଛକରେ ମୁନିଗୁଡା 'କ' ଜୋନ୍ମଣ୍ଡଳ ଉପସଭାପତି ଥିପାନ ସାଗର ନାୟକଙ୍କ ନେତୃତ୍ୱରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଅତିଥି ଭାବେ ପ୍ରଦେଶ କଂଗ୍ରେସ ସଦସ୍ୟ ଡମ୍ବରୁଧର ଶତପଥୀ ଯୋଗଦେଇଥିଲେ। ଏଥିରେ କେ. ଶ୍ରୀନିବାସ ରାଓ, ଜନସନ ସାଗର ନାୟକ, ବୈକୁଣ୍ଠ କରୁଆ, ବରିଷ୍ଠ କଂଗ୍ରେସ ନେତା ହରିଶ୍ଚନ୍ଦ୍ର ପାଣିଗ୍ରାହୀ, କେଶବ ବେହେରା ଥିଲେ।

# ନାମାଙ୍କନପତ୍ର ଦାଖଲ କଲେ ଆଶାୟୀ

## ଛାତ୍ର ସଂସଦ ନିର୍ବାଚନ

**ରାୟଗଡା ଅଫିସ୍/ଗୁଣପୁର, ୩।୧୦(ଡି.ଏନ୍.ଏ.)**



ଜଣେ ଆଶାୟୀ ପ୍ରାର୍ଥୀ ସମର୍ଥକଙ୍କ ସହ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଆସନ୍ତା ୧୧ତାରିଖରେ ବିଭିନ୍ନ କଲେଜରେ ଚଳିତବର୍ଷର ଛାତ୍ର ସଂସଦ ନିର୍ବାଚନ କରାଯିବ। ଏହାକୁ ନେଇ ବିଭିନ୍ନ କଲେଜ କ୍ୟାମ୍ପସ ସରଗରମ ହୋଇଉଠିଛି। ଏଥିନିମନ୍ତେ ବୁଧବାର ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟର ଆଶାୟୀ ପ୍ରାର୍ଥୀଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ନାମାଙ୍କନପତ୍ର ଦାଖଲ ହୋଇଛି। ପୋଲିସର କଡା ସୁରକ୍ଷା ମଧ୍ୟରେ ଏହି ଦୁଇଟି କଲେଜରେ ନାମାଙ୍କନ ପତ୍ର ଦାଖଲ ହୋଇଛି। ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭାପତି ପଦ ପାଇଁ ୨ଜଣ, ଉପସଭାପତି ପାଇଁ ଜଣେ, ସାଧାରଣ ସମ୍ପାଦକ ପାଇଁ ୨ଜଣ, ଯୁଗ୍ମ ସମ୍ପାଦକ ପାଇଁ ଜଣେ, ଡ୍ରାମାଟିକ ସମ୍ପାଦକ ଜଣେ, ସାଂସ୍କୃତିକ ସମ୍ପାଦକ ପାଇଁ ୨, କ୍ରୀଡା ସମ୍ପାଦକ ପାଇଁ ଜଣେ ନାମାଙ୍କନ ଦାଖଲ କରିଛନ୍ତି। ସେହିଭଳି ଅନ୍ୟ ପଦବୀ ପାଇଁ ମଧ୍ୟ ନାମାଙ୍କନ ଦାଖଲ ହୋଇଛି। ମହିଳା ମହାବିଦ୍ୟାଳୟର ସଭାନେତ୍ରୀ ପଦବୀ ପାଇଁ ୨, ଉପସଭାନେତ୍ରୀ ପଦରେ ୨, ସାଧାରଣ ସମ୍ପାଦକ ପାଇଁ ୩, ଯୁଗ୍ମ ସମ୍ପାଦିକା ପଦବୀରେ ୨, ସାଂସ୍କୃତିକ ସମ୍ପାଦିକା ପଦବୀ ପାଇଁ ୨, ଡ୍ରାମାଟିକ ସମ୍ପାଦିକା ଓ କ୍ରୀଡା ସମ୍ପାଦିକା ପଦବୀ ପାଇଁ ଜଣେ ଲେଖାଏଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଶାୟୀମାନେ ସମର୍ଥକଙ୍କ ସହ ନାମାଙ୍କନ ପତ୍ର ଦାଖଲ କରିବାକୁ ଆସିଥିଲେ। ନାମାଙ୍କନ ପତ୍ର ଦାଖଲ କରିଥିବା ଆଶାୟୀ ପ୍ରାର୍ଥୀ ଓ ତାଙ୍କ ସହଯୋଗୀଙ୍କ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରଚାର ପର୍ବ। ଏହାକୁ ନେଇ କଲେଜ କ୍ୟାମ୍ପସଗୁଡିକ ଉଷ୍ମ ହୋଇପଡିଛି । ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ ଅଧିକାରୀ ଭାବେ ୱାଇଭି ସାଇ ମାଧବ, ସହକାରୀ ନିର୍ବାଚନ ଅଧିକାରୀ ଭାବେ ଅଶୋକ କୁମାର ସାହୁ, ସଂଗ୍ରାମ କେଶରୀ ନାୟକ, ରାଜେଶ କୁମାର ବେହେରାଙ୍କୁ ନିୟୋଜିତ କରାଯାଇଥିବା ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ କହିଛନ୍ତି। ସେହିଭଳି ମହିଳା ମହାବିଦ୍ୟାଳୟରେ ନିର୍ବାଚନ ଅଧିକାରୀ ଭାବେ ଡା. ଅର୍ଚ୍ଚନା ପଟ୍ଟନାୟକ ଏବଂ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ସହକାରୀ ନିର୍ବାଚନ ଅଧିକାରୀଭାବେ ନିୟୋଜିତ କରାଯାଇଥିବା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଷମା ଦାଶ ସୂଚନା ଦେଇଛନ୍ତି।

ସେହିଭଳି ବୁଧବାର ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଗୁଣପୁର କଲେଜରେ ନାମାଙ୍କନପତ୍ର ଦାଖଲ ହୋଇଥିଲା। ୨ଟାରୁ ୪ଟା ମଧ୍ୟରେ ନାମାଙ୍କନ ପତ୍ର ଯାଞ୍ଚ ହୋଇଥିଲା। ଚୂଡାନ୍ତ ପ୍ରାର୍ଥୀ ତାଲିକା ୪ତାରିଖ ଗୁରୁବାର ପ୍ରକାଶ ପାଇବ। ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ୩ ଜଣ ନିର୍ବାଚନ ଅଧିକାରୀ ଗଣେଶ୍ୱର ଶତପଥୀ, ଡ.ଜବାହାର ଚୌଧୁରୀ ଏବଂ ଶଶିଭୂଷଣ ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସଭାପତି ପାଇଁ ୪ ଜଣ, ଉପସଭାପତି ପାଇଁ ଜଣେ, ସଂପାଦକ ପାଇଁ ୩ଜଣ ଏପରି ବିଭିନ୍ନ ପଦବୀ ପାଇଁ ସମୁଦାୟ ୧୭ ନାମାଙ୍କନ ପତ୍ର ଦାଖଲ ହୋଇଛି। ପ୍ରକାଶ ଯେ, ୧୦ ତାରିଖ ବୁଧବାର 'ମୁଁ କଣ ପାଇଁ ପ୍ରତିଦ୍ୱନ୍ଦିତା କରୁଛି' ସଭା ଅନୁଷ୍ଠିତ ହେବ। ୧୧ ତାରିଖ ୮ଟାରୁ ୨ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ। ଏହାପରେ ଭୋଟ ଗଣତି ସହ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ୧୨ ତାରିଖ ଶୁକ୍ରବାର ନିର୍ବାଚିତ ପ୍ରତିନିଧିମାନେ ଶପଥ ଗ୍ରହଣ କରିବେ।





ଦାବିପତ୍ର ଦେବାକୁ ଆସିଥିବା ସିନ୍ଧୁଗୁଡା ଗ୍ରାମବାସୀ ଓ ସଂଘ ସଦସ୍ୟମାନେ।

■ ସାନ୍ଧୁବାଡ଼ି ଗ୍ରାମବାସୀଙ୍କ ପକ୍ଷରୁ ଆର୍ଡବ୍ଲ୍ୟୁଏସ୍ଏସ୍ ନିର୍ବାହୀଯନ୍ତ୍ରୀଙ୍କୁ ସ୍ମାରକପତ୍ର

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**ରାୟଗଡା ଅଫିସ୍, ୩।୧୦**

ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ରାୟଗଡା ଜିଲା ଏସ୍‌ସି,ଏସ୍ଟି, ଓବିସି ଏବଂ ମାଇନରିଟି ମହାସଂଘ ଆବାହକ ପ୍ରତାପ ପୁଆଲାଙ୍କ ନେତୃତ୍ୱରେ ସଦର ବ୍ଲକ ମୀରାବାଲି ପଞ୍ଚାୟତ ଅଧୀନ ସାନ୍ଧୁବାଡି ଗ୍ରାମବାସୀ ବୁଧବାର ଆର୍ଡବ୍ଲ୍ୟୁଏସ୍ଏସ୍ ନିର୍ବାହୀଯନ୍ତ୍ରୀ ମୋତିଲାଲ ତିୱାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୧ହଜାରରୁ ଊର୍ଦ୍ଧ୍ୱ ଜନବସତି ଥିବା ଏହି ଗ୍ରାମରେ ମାତ୍ର ୩ଟି ନଳକୂପ ରହିଛି, ଯାହାକି ଗ୍ରାମବାସୀଙ୍କ ଆବଶ୍ୟକତା ଅନୁଯାୟୀ ଜଳ ଯୋଗାଇ ପାରୁନାହିଁ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଆର୍ଡବ୍ଲ୍ୟୁଏସ୍ଏସକୁ ଜଣାଇବା ପରେ କର୍ମଚାରୀମାନେ ଆସି ଗ୍ରାମରେ ଏକ ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ସ୍ଥାନ ଚିହ୍ନଟ କରି ଯାଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ। ଫଳରେ ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଭାଗ ପକ୍ଷରୁ ଗ୍ରାମରେ ତୁରନ୍ତ ଏକ ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି । ୩୦ଦିନ ମଧ୍ୟରେ ବିଭାଗ ପକ୍ଷରୁ ଏ ଦିଗରେ କୌଣସି ଦୃଢ଼ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘର କାର୍ଯ୍ୟକାରୀ ସଭାପତି ବିଶ୍ୱରାଜ, ବ୍ଲକ ସଭାପତି କଟେଶ୍ୱର ଗାଣ୍ଟା, ଗ୍ରାମ ସଭାପତି ସମିଗା ଗାଣ୍ଟା, ନାରୀ ନେତ୍ରୀ କବତା ବାଛେଲି, ଧର୍ଯ୍ୟମଣି ବିଡିକା, ଭାଗ୍ୟ ପାଣି, ରାମମୂର୍ତ୍ତି ବାଚେଲି, ସୁରଜ ବାଛେଲି, ଦେବାନନ୍ଦ ପାଣି, କୋଟେଶ୍ୱର ଗାଣ୍ଟା, କବିତା ବାଚେଲି, ପରଜିନି ଗାଣ୍ଟା, ପ୍ରଭାତୀ ଗାଣ୍ଟା, ଆଲାଦିନି ଗାଣ୍ଟା, ରଜନୀ ବାଚେଲି ପ୍ରମୁଖ ଉପସ୍ଥିତ ଥିଲେ।

### ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ

**କାଶୀପୁର, ୩।୧୦(ଡି.ଏନ୍.ଏ.)**

ରାୟଗଡା ଜିଲା କାଶୀପୁର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୁଧବାର ଓଡିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ୨୦୧୮ ଆଧାରରେ ଚିହ୍ନିତ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ଖାଉଟିକାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାୟଗଡା ଯୋଜନା କମିଟି ଅଧ୍ୟକ୍ଷ ତଥା ରାୟଗଡା ବିଧାୟକ ଲାଲ ବିହାରୀ ହିମିରିକା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ କାଶୀପୁର ବ୍ଲକ ଅଧ୍ୟକ୍ଷା ରୁଆଇ ମାଝି, ବ୍ଲକ ଉପାଧ୍ୟକ୍ଷ ଶଙ୍କର୍ଷଣ ନାଏକ, କାଶୀପୁର 'କ' ଜୋନ ଜିଲା ପରିଷଦ ରତ୍ନମାଳା ପରିଛା, 'ଖ' ଜୋନ ଜିଲା ପରିଷଦ ଅମ୍ବିକା ମାଝି, ବରିଷ୍ଠ ବିଜେଡି ନେତା ଜଗଦୀଶ ପାତ୍ର, କାଶୀପୁର ବିଡିଓ ବେଦବର ପ୍ରଧାନ, ଏବିଡିଓ ବଳରାମ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାଶୀପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ନୂତନ ହିତାଧିକାରୀଙ୍କୁ ଅତିଥିମାନେ ଖାଉଟିକାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମଧ୍ୟ ଯୋଗାଣ ନିରୀକ୍ଷକ ପରିଚାଳନା କରିଥିଲେ।



ଟୁର୍ନାମେଣ୍ଟର ଗୋଟିଏ ମ୍ୟାଚ ଚାଲିଛି।

# ରାୟଗଡାରେ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

**ରାୟଗଡା ଅଫିସ୍, ୩।୧୦**

ରାୟଗଡା ସହର ଉପକଣ୍ଠ ବାରିଝୋଲା ଗ୍ରାମ ନିକଟସ୍ଥ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ବୁଧବାର ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ ପାତ୍ର ଓ ପରିଚାଳନା କମିଟି ସଭାପତି କାନ୍ତାରାଓ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ନୂଆପଡା, ମୟୁରଭଞ୍ଜ, କେନ୍ଦୁଝର, ଯାଜପୁର, ମାଲକାନଗିରି, କୋରାପୁଟ, ଗଜପତି ଜିଲାରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଛନ୍ତି। କୃତୀ ପ୍ରତିଯୋଗୀମାନେ ନଭେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ନୃସିଂହ ପାତ୍ର, ମାର୍ସଲ ଆର୍ଟ ଶିକ୍ଷକ ପ୍ରଶାନ୍ତ ପ୍ରଧାନ, କର୍ମଚାରୀ କୃଷ୍ଣଚନ୍ଦ୍ର ବେହେରା ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଖବରଦାତାଙ୍କ ଶାନ୍ତିପୂର୍ଣ୍ଣ ଅସହଯୋଗ

# କଳାବ୍ୟାଜ୍ ପିନ୍ଧି ନୀରବ ପ୍ରତିବାଦ



ଧାରଣାରେ ବସିଥିବା ସାମ୍ବାଦିକମାନେ।

**ରାୟଗଡା ଅଫିସ୍/ମୁନିଗୁଡା, ୩।୧୦ (ଡି.ଏନ୍.ଏ.)**

ରାଜ୍ୟରେ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣ ଓ ରାୟଗଡା ଜିଲାରେ ପ୍ରଶାସନର ଖବରଦାତାଙ୍କ ପ୍ରତି ବେପାରୁଆ ମନୋଭାବ ପ୍ରତିବାଦରେ ବୁଧବାର ଦ୍ୱିତୀୟ ଦିନ ପାଇଁ ଜିଲା ସଦର ମହକୁମାର ସମସ୍ତ ଖବରଦାତା ଶାନ୍ତିପୂର୍ଣ୍ଣଭାବେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୁହଁରେ କଳାପଟି ବାନ୍ଧି ସ୍ଥାନୀୟ ଗଜପତି ଛକରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜଣାଇଛନ୍ତି। ଯେତେଦିନ ପର୍ଯ୍ୟନ୍ତ ପ୍ରଶାସନ ଓ ସରକାର ନିଜ ଚିନ୍ତା ଧାରାରେ ପରିବର୍ତ୍ତନ ଆଣିବେ ନାହିଁ, ସେତେଦିନ ପର୍ଯ୍ୟନ୍ତ ଏଭଳି ପ୍ରତିବାଦ ଜାରି ରହିବ ବୋଲି ସମସ୍ତ ଖବରଦାତା ସଂଘ ପକ୍ଷରୁ ମିଳିତ ଭାବେ ନିଷ୍ପତ୍ତି ନିଆଯାଇଛି। ଜିଲା ଖବରଦାତା ସଂଘ ଉପଦେଷ୍ଟା ତଥା ବରିଷ୍ଠ ଖବରଦାତା ବାଦଲ କୁମାରଙ୍କ ନେତୃତ୍ୱରେ ଆୟୋଜିତ ଏହି ଅସହଯୋଗ କାର୍ଯ୍ୟକ୍ରମରେ ପ୍ରେସ ୟୁନିଅନ ସଭାପତି ଦୟାନନ୍ଦ ଖାଡଙ୍ଗା, ପ୍ରେସ୍‌କ୍ଲବ୍ ସଭାପତି ରଞ୍ଜନ କୁମାର ରଥ, ଜିଲା ଖବରଦାତା ସଂଘ ସମ୍ପାଦକ ରବିନ୍ଦ୍ର ପାଢଖଣ୍ଡାଳ ପ୍ରମୁଖ ଉପସ୍ଥିତ ଥିଲେ।

ମୁନିଗୁଡା ତିନିକୋଣିଆ ଛକ ଲକ୍ଷ୍ମଣ ନାଏକ ପ୍ରତିମୂର୍ତ୍ତି ନିକଟରେ ମୁନିଗୁଡା, ବିଷମକଟକ, ଚନ୍ଦ୍ରପୁର ଓ ଅମ୍ବାଦଳାର କାର୍ଯ୍ୟରତ ସାମ୍ବାଦିକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାଛଡା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ବର୍ଜନ କରିଛନ୍ତି। ତିନିକୋଣିଆ ଛକରୁ ଏକ ଶୋଭାଯାତ୍ରାରେ ବାହାରି ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୪ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ସାମ୍ବାଦିକ ରାଜୀବ ଲୋଚନ ଦାସ, ନନ୍ଦକିଶୋର ପଟ୍ଟନାୟକ, ଦେବେନ୍ଦ୍ର ନାୟକ, ନିରଞ୍ଜନ ସାହୁ, ଗଣେଶ୍ୱର ରାଓ, ଗୌରାଙ୍ଗ ଚରଣ ରାଉତ, ଚନ୍ଦ୍ରଶେଖର ପଣ୍ଡା, ଆନନ୍ଦ ଟାକ୍ରି, ସଞ୍ଜୟ ନାଗ, ଉମା ନେମାଲପୁରୀ, ଗଣେଶ ପାତ୍ର, କ୍ଷମାସାଗର ଦାସ, ପ୍ରମୋଦ ସାହୁକାର, ରବୀନ୍ଦ୍ର ପଣ୍ଡା, ରଘୁନାଥ ବେହେରା, ଅନନ୍ତଦୁର୍ଗା, ଦକ୍ଷ ବାତ୍ରା, ରମାକାନ୍ତ ପାଡାଲୁ, କୌଶଲ ଦୁବେ, କୁଶ ପାଢୀ, ଲଳିତ ନାଗ, ଶ୍ରୀନିବାସ କୁମାର, ନରେଶ ପାତ୍ର, ବିଭୂତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





ରାଜ୍ୟ ସଭା ସଦସ୍ୟ ଏବଂ ଜିଲାପାଳ ସହାୟତା ରାଶି ଗ୍ରହଣ କରୁଛନ୍ତି।

# କେରଳ ବନ୍ୟା ବିପନ୍ନଙ୍କୁ ସହାୟତା

**ଗୁଣପୁର, ୩।୧୦(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ଜିପିଏସର ଛାତ୍ରୀଛାତ୍ରମାନେ କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ୨୫ ହଜାର ଟଙ୍କାର ଅର୍ଥ ରାଶି ସହାୟତା ପ୍ରଦାନ କରିଛନ୍ତି। ସଂଗୃହୀତ ଅର୍ଥକୁ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କୁ ଛାତ୍ରୀଛାତ୍ରମାନେ ପ୍ରଦାନ କରିଥିଲେ। ଏହି ସମୟରେ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ସ୍ପେଶିଆଲ ଡେଭଲପ୍‌ମେଣ୍ଟ କାଉନ୍‌ସିଲର ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୃକା, ଜିପିଏସର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ପିଲାଙ୍କ ଏହି ଉଦ୍ୟମକୁ ଗାନ୍ଧୀ ଗ୍ରୁପର ଉପାଧ୍ୟକ୍ଷ ଡ.ଜଗଦିଶ ପଣ୍ଡା ଉଚ୍ଚ ପ୍ରଶଂସା କରିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପରାମର୍ଶକ୍ରମେ ପିଲାମାନେ ନିଜ ଗୃହ ସଫେଇ, ବଗିଚାରେ ପାଣି ଦେବା ଭଳି ଘର କାମ କରି ଟଙ୍କା ସଂଗ୍ରହ କରିଥିଲେ।

# ମା' କନକ ଦୁର୍ଗାଙ୍କ ୧୬ ଦିନାତ୍ମକ ପୂଜା

**ଗୁଣପୁର, ୩।୧୦(ଡି.ଏନ୍.ଏ.)**



ମୂଳପୀଠରେ ପୂଜା ପାଉଥିବା ମା' କନକ ଦୁର୍ଗା।

ରାୟଗଡ଼ା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା' କନକ ଦୁର୍ଗାଙ୍କ ଷୋଡ଼ଶ ପୂଜା ମଙ୍ଗଳବାର ରାତ୍ରରୁ ଆରମ୍ଭ ହୋଇଛି। ଏହି ଅବସରରେ ମା'ଙ୍କୁ ଆସ୍ଥାନରୁ ଓହ୍ଲାଇ ଜଳାଭିଷେକ ଓ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା'ଙ୍କୁ ତାଙ୍କ ମୂଳପୀଠ ମନ୍ଦିରକୁ ନିଆଯାଇଥିଲା। ସେଠାରେ ୧୬ ଦିନ ବ୍ୟାପୀ ମା'ଙ୍କ ପୂଜା କରାଯିବ । ବ୍ରହ୍ମାଗୁପ୍ତେଶ୍ୱର ରଥଶର୍ମା ପୂଜାକାର୍ଯ୍ୟ କରିଥିଲେ। ଅଶୋକ ରଥ, ସୁଦାମ ପଣ୍ଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପୂଜା ପରେ ମା' ପୁଣି ଜଗନ୍ନାଥ ମନ୍ଦିରକୁ ବିଜେ କରିବେ। ବର୍ଷରେ ଦୁଇଥର ମା' ତାଙ୍କ ମୂଳପୀଠକୁ ଆସିଥାନ୍ତି। ଚୈତ୍ର ମାସର ବାସନ୍ତି ଦଶହରା ଅବସରରେ ନବ ଦିନ ପାଇଁ ଏବଂ ଆଶ୍ୱିନ ମାସ ଦଶହରାରେ ୧୬ ଦିନ ପାଇଁ ତାଙ୍କ ମୂଳ ପୀଠକୁ ଆସି ପୂଜା ପାଇଥାନ୍ତି। ବାଲିଯାତ୍ରା ପରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ। ବିଭିନ୍ନ ସ୍ଥାନରେ ଦେବୀପୀଠ ସହ ମା' ଦୁର୍ଗାଙ୍କ ପୂଜା ଲାଗି ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ।

# ମାନସିକ ପୂରଣ ପାଇଁ ନିଆଁରେ ଚାଲିଲେ

## ସରିଲା ମାଣିକେଶ୍ୱରୀ ଯାତ୍ରା

**ଚନ୍ଦ୍ରପୁର, ୩।୧୦ (ଡି.ଏନ୍.ଏ.)**



ପୂଜକ ଲୋକଙ୍କୁ ଆଶୀର୍ବାଦ ଦେଉଛନ୍ତି।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡାଠାରେ ମଙ୍ଗଳବାର ମାଣିକେଶ୍ୱରୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ସକାଳେ ଆଦିବାସୀମାନଙ୍କ ପକ୍ଷରୁ ଆସିଥିବା କାଠଗୁଡିକୁ ଏକ ଗର୍ତ୍ତ କରାଯାଇ ସେଥିରେ ସଜାଇବା ପରେ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ପରେ ପଶୁବଳି ଦିଆଯାଇଥିଲା। ରାତିରେ ମାଣିକେଶ୍ୱରୀଙ୍କ ପୂଜକ ଗଙ୍ଗାଧର ପାତ୍ର ଓ ଅନ୍ୟ ଶ୍ରଦ୍ଧାଳୁଙ୍କ ସମେତ ନିଆଁରେ ଚାଲିଥିଲେ। ସ୍ଥାନୀୟ ବାଲିଘରଠାରୁ ମା'ଙ୍କ ବେଶରେ ବାହାରି ନିଆଁ ଗାଡ଼ ସମ୍ମୁଖରେ ଲୁହାରେ ନିର୍ମିତ କଣ୍ଟାଦୋଳିରେ ଝୁଲି ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଗୁହାରି ଶୁଣି ସିନ୍ଦୂର ସହ ଆଶୀର୍ବାଦ ଦେଇଥିଲେ। ବହୁ ଶ୍ରଦ୍ଧାଳୁ ମାନସିକ ପୂରଣ ପରେ ମା'ଙ୍କ ନିକଟରେ ପଶୁ ପକ୍ଷୀ ବଳି ଦେଇଥାନ୍ତି। ଚଳିତ ବର୍ଷ ୬୦ରୁ ଊର୍ଦ୍ଧ୍ୱ ପଶୁବଳି ଦିଆଯାଇଛି ବୋଲି ଯାତ୍ରା କମିଟି ମୁଖ୍ୟ କବିରାଜ ପାତ୍ର କହିଛନ୍ତି। ଏଥିସହ ବହୁ ଶିଶୁ ମୁଣ୍ଡନ ହୋଇଥିଲେ। ଏହି ଯାତ୍ରା ଦେଖିବା ପାଇଁ ଚନ୍ଦ୍ରପୁର, ମୁନିଗୁଡା, ଗୁଡାରୀ, ରାୟଗଡ଼ା, କୋରାପୁଟ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଲୋକଙ୍କ ମନୋରଞ୍ଜନ ସକାଶେ ଯାତ୍ରା ପରିବେଷଣ କରାଯାଉଛି। ନୟାଗଡ଼ରୁ ଆସିଥିବା ଯାତ୍ରା ତରଙ୍ଗ ବାବା ଗଡ଼ିକେଶ୍ୱର ନାଟ୍ୟ ସଂସଦ ପକ୍ଷରୁ ଇନ୍ଦ୍ରଜିତ ବଦ୍ଧ, ଲକ୍ଷ୍ମଣ ଶକ୍ତିଭେଦ ନାଟକ ପରିବେଷଣ କରାଯାଉଛି। ଗୁରୁବାର ସମ୍ବଲପୁର ମେଲୋଡି କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ପଙ୍କଜ ଦଣ୍ଡସେନା ସୂଚନା ଦେଇଛନ୍ତି। ଗୁରୁବାର ପର୍ଯ୍ୟନ୍ତ ଯାତ୍ରା ପଡିଆଠାରେ ମୀନାବଜାର ଚାଲିବ।